## ସଂକ୍ଷେପରେ

### ଡକାୟତି ଯୋଜନା ବେଳେ ଧରାପଡ଼ିଲେ ୫

ଭଣ୍ଡାରିପୋଖରୀ,୧୦।୩(ରାଜେନ୍ଦ୍ର ଶତପଥୀ): ଭଣ୍ଡାରିପୋଖରୀ ଥାନା ଅଧୀନ ଚନ୍ଦ୍ରଭାନୁପୁର ଗ୍ରାମରେ ସୋମବାର ରାତିରେ ଡକାୟତି ଯୋଜନା କରୁଥିବା ବେଳେ ୫ଜଣଙ୍କୁ ପୋଲିସ କାବୁ କରି ଗିରଫ କରିଛି। ମଙ୍ଗଳବାର ଅପରାହ୍ନରେ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ଯାଜପୁର ଟାଉନ ଅଞ୍ଚଳର ଶିଶିର ବେହେରା(୩୨), ମହେଶ୍ୱର ଜେନା(୨୮), ଚନ୍ଦ୍ରଭାନୁପୁର ଗ୍ରାମର ଦୀପକ ଜେନା(୩୦), ସୁଶାନ୍ତ ନାୟକ(୨୯) ଓ ତେସିଙ୍ଗା ଅଞ୍ଚଳର ରାକେଶ ଜେନା ଓରଫ ଗୁଡୁ(୨୯)। ସେମାନଙ୍କ ନିକଟରୁ ବିଭିନ୍ନ ମାରଣାସ୍ତ୍ର, ମୋବାଇଲ ଫୋନ୍ ଓ ବାଇକ୍ ଜବତ କରାଯାଇଛି। ସବ୍‌ଇନ୍ସପେକ୍ଟର ମଧୁସ୍ମିତା ସିଂଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା(ନଂ.୧୧୨/୨୬) ରୁଜୁ ହୋଇଛି।

### ବେଆଇନ କାର୍ଯ୍ୟକଳାପ ରୋକିବାକୁ ପୋଲିସର କାର୍ଯ୍ୟାନୁଷ୍ଠାନ

ବନ୍ତ,୧୦।୩(ହରିନାରାୟଣ ମହାନ୍ତି): ବନ୍ତ ଥାନା ଅଞ୍ଚଳରେ ବେଆଇନ କାର୍ଯ୍ୟକଳାପ ରୋକିବା ନେଇ ପୋଲିସ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୋମବାର ରାତିରେ ଥାନା ଅଞ୍ଚଳରେ ମଦ୍ୟପାନ କରି ଗାଡ଼ି ଚଳାଇବା ଅଭିଯୋଗରେ ଜଣେ ଚାଳକଙ୍କ ନାମରେ ମାମଲା (ନଂ.୯୬/୨୬) ରୁଜୁ ହେବା ସହ ଗାଡ଼ିକୁ ଜବତ କରାଯାଇଛି। ସେହିପରି ଦେଶୀ ମଦ ବିକ୍ରି ଅଭିଯୋଗରେ ଜଣେ ମହିଳାଙ୍କୁ ଗିରଫ ସହ ସାଢ଼େ ୭ ଲିଟର ଦେଶୀ ମଦ ଜବତ କରାଯାଇଛି। ଏନେଇ ଥାନାରେ ମାମଲା (ନଂ.୯୭/୨୬) ରୁଜୁ ହୋଇଛି। ମଙ୍ଗଳବାର ସକାଳେ ବିନା ଟ୍ରାଞ୍ଜିଟ୍ ପାସ୍‌ରେ ବାଲି ପରିବହନ କରୁଥିବା ଅଭିଯୋଗରେ ୨ଟି ହାଇୱା ଜବତ କରାଯାଇଛି। ଏନେଇ ମାମଲା (ନଂ.୯୮/୨୬) ରୁଜୁ ହୋଇଛି। ବେଆଇନ କାର୍ଯ୍ୟକଳାପ ରୋକିବା ଏବଂ ଆଇନର କଡ଼ା ପାଳନ ସୁନିଶ୍ଚିତ କରିବା ପାଇଁ ଏପରି କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଥାନାଧିକାରୀ ସୁପ୍ରକାଶ ମହାନ୍ତି କହିଛନ୍ତି।

### ମୋବାରକପୁର ନାଟ୍ୟ ମହୋତ୍ସବ

ଭଣ୍ଡାରିପୋଖରୀ,୧୦।୩(ରାଜେନ୍ଦ୍ର ଶତପଥୀ): ଭଣ୍ଡାରିପୋଖରୀ ବ୍ଲକ ପାଟୁଳି ପଞ୍ଚାୟତର ମୋବାରକପୁର ମେଳଣ ପଡ଼ିଆରେ ଶ୍ୟାମସୁନ୍ଦରଜୀଉ ନାଟ୍ୟ ପରିଷଦ ପକ୍ଷରୁ ୪ର୍ଥ ବାର୍ଷିକୀ ନାଟ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଶଶିକାନ୍ତ ଜେନା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ଅନୀତା ରାଉତ, ଜିଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ପୂର୍ବତନ ସରପଞ୍ଚ ସତ୍ୟାନନ୍ଦ ମହାପାତ୍ର ଏବଂ ସୁରେନ୍ଦ୍ର ପାଲ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଦିବଂଗତ ଗ୍ରାମ୍ୟ କଳାକାର ଗୌରହରି ନାୟକ ଓ ଶରତ ଜେନାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗ୍ରାମ କଳାକାରଙ୍କ ଅଭିନୀତ ଓ ନାଟ୍ୟଗୁରୁ ପ୍ରଶାନ୍ତ ଭଞ୍ଜଙ୍କ ନିର୍ଦ୍ଦେଶିତ ସାମାଜିକ ନାଟକ 'ରାମ ଦେବେ ଆଜି ଅଗ୍ନି ପରୀକ୍ଷା' ରବିବାର ରାତିରେ ମଞ୍ଚସ୍ଥ ହୋଇଥିଲା। ରମେଶ ଚନ୍ଦ୍ର ବେହେରା ସଂଯୋଜନା କରିଥିଲେ। ରବିବାରଠାରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ମଙ୍ଗଳବାର ପ୍ରତ୍ୟୁଷରେ ଶେଷ ହୋଇଛି।

### ବରିଷ୍ଠ ନାଗରିକ ସଂଘର କାର୍ଯ୍ୟକାରିଣୀ

ଚାନ୍ଦବାଲି,୧୦।୩(କିଷାନ ପାତ୍ର): ଚାନ୍ଦବାଲି ଏନ୍‌ଏସି ଅଧୀନ ବ୍ଲକ୍‌ରୋଡ୍‌ସ୍ଥିତ ବରିଷ୍ଠ ନାଗରିକ ସଂଘ ସଭାଗୃହରେ ମଙ୍ଗଳବାର ସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଅନନ୍ତ ଚରଣ ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ କର୍ମକର୍ତ୍ତାମାନେ ଯୋଗଦେଇ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଦିଗରେ ବରିଷ୍ଠ ନାଗରିକମାନେ ଆଗକୁ ଆସିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଶାସନ ବରିଷ୍ଠ ନାଗରିକମାନଙ୍କୁ ଯଥୋଚିତ ସହାୟତା କରିବା ପରିବର୍ତ୍ତେ ଅନେକ ସମୟରେ ଉପେକ୍ଷା କରୁଛି ବୋଲି କହି ବରିଷ୍ଠ ନାଗରିକମାନେ ଅସନ୍ତୋଷ ଓ ଦୁଃଖ ପ୍ରକାଶ କରିଥିଲେ। ଏଥିରେ ସୁଧାର ନ ଆସିଲେ ସଂଘ ପକ୍ଷରୁ ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସଦସ୍ୟମାନେ ମତ ରଖିଥିଲେ। ସମ୍ପାଦକ ପ୍ରମୋଦ ତ୍ରିପାଠୀ, ମୁରଲୀଧର ପରିଡ଼ା, ଧ୍ରୁବ ଚରଣ ଦାସ, ଗୟାଧର ଦାସ, ଜୟକୃଷ୍ଣ ଦାସ ପ୍ରମୁଖ ଆଲେଚନାରେ ଅଂଶଗ୍ରହଣ କରିଥିଲେ।

# 'ସଭିଙ୍କ ଭାବନାକୁ ସମ୍ମାନ ସମ୍ବିଧାନର ଆଭିମୁଖ୍ୟ'

## ବିଏନ୍‌ଏମ୍‌ଏ କଲେଜରେ ଜାତୀୟ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଅତିଥିମାନେ ପତ୍ରିକା ଉନ୍ମୋଚନ କରୁଛନ୍ତି।

**ତିହିଡ଼ି,୧୦।୩(ସଞ୍ଜିତ ବଳ)**

ବିବିଧତା ମଧ୍ୟରେ ଆମ ଦେଶ ଏକତାବଦ୍ଧ। ବିଭିନ୍ନ ସମୟରେ ମତପାର୍ଥକ୍ୟ ଦେଖାଦେଲେ ବି ସଭିଙ୍କ ଭାବନାକୁ ସମ୍ମାନ ପ୍ରଦର୍ଶନ ସମ୍ବିଧାନର ଆଭିମୁଖ୍ୟ ବୋଲି ତିହିଡ଼ି ବ୍ଲକ ପାଳିଆବିନ୍ଧାସ୍ଥିତ ବିରଞ୍ଚି ନାରାୟଣ ମାଧବ ଅର୍ଜ୍ଜୁନ(ବିଏନ୍‌ଏମ୍‌ଏ) କଲେଜରେ ମଙ୍ଗଳବାର ଅନୁଷ୍ଠିତ ଜାତୀୟ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ. ସ୍ୱର୍ଣ୍ଣମୟୀ ତ୍ରିପାଠୀ ମତବ୍ୟକ୍ତ କରିଛନ୍ତି। ରାଜନୀତି ବିଜ୍ଞାନ ଓ ଲୋକ ପ୍ରଶାସନ ବିଭାଗ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡ. ଜ୍ଞାନରଞ୍ଜନ ସ୍ୱାଇଁ ଯୋଗଦେଇ ଦେଶର ଶାସନରେ ସଂଘୀୟ ବ୍ୟବସ୍ଥା ମୁଖ୍ୟ ପ୍ରସଙ୍ଗ ହୋଇନାହିଁ ବୋଲି ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଜବାହରଲାଲ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡ. ମକରନ୍ଦ ବାରିକ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପିକା ସିଂ ଶୁଭଲକ୍ଷ୍ମୀ ବହିଦାର, ବିଏନ୍‌ଏମ୍‌ଏ କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ଅମୂଲ୍ୟ କୁମାର ପରିଡ଼ା ଏବଂ ଲୋକ ପ୍ରଶାସନ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅଜୟ ପାତ୍ର ଯୋଗ ଦେଇଥିଲେ। ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଅଧ୍ୟାପକ ସରୋଜ କୁମାର ମହାପାତ୍ର ଏଥିରେ ପୌରୋହିତ୍ୟ କରିଥିଲେ। ବିଭାଗ ପକ୍ଷରୁ ପ୍ରକାଶିତ ପତ୍ରିକା 'ଶୋଭନୀୟର'କୁ ଉନ୍ମୋଚନ କରାଯାଇଥିଲା। ସେହିପରି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଦେବାଶିଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ତପନ କୁମାର ନାୟକ, ଗୋବିନ୍ଦ ଚନ୍ଦ୍ର ବାଗ, ପ୍ରଦୀପ କୁମାର ମିଶ୍ର, ଡ.ବିଶ୍ୱରଞ୍ଜନ ଦାସ, ରଜନୀଗନ୍ଧା ପତି, ପୁଷ୍ପଲତା ଦାସ ପ୍ରମୁଖ ଅଧ୍ୟାପିକା, ଅଧ୍ୟାପକ ଯୋଗ ଦେଇଥିଲେ। ଲକ୍ଷ୍ମୀପ୍ରିୟା ବେହେରା, ଅନୀତା ତ୍ରିପାଠୀ, ନିରଞ୍ଜନ ପାଣିଗ୍ରାହୀ, ସ୍ମୃତିପ୍ରଜ୍ଞା ମହାକୁଡ଼ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଧାମରା ପୋର୍ଟରେ ପ୍ରଥମଥର କେପ୍ ସାଇଜ୍ ଲାଇମ୍‌ଷ୍ଟୋନ ଜାହାଜ ପରିଚାଳନା



ଧାମରା ପୋର୍ଟ ବର୍ଥରେ ଲାଗିଥିବା ଜାହାଜ।

**ଭଦ୍ରକ,୧୦।୩(ସନାତନ ରାଉତ)**

ଭଦ୍ରକ ଜିଲା ଧାମରା ପୋର୍ଟ ନୂତନ ନିର୍ମିତ ବର୍ଥରେ ସୋମବାର ପ୍ରଥମ କେପ୍ ସାଇଜ୍ ଲାଇମ୍‌ଷ୍ଟୋନ ଜାହାଜ ପରିଚାଳନା କରିଛି। ଏମ୍‌ଭି ଭେଗା ଡ୍ରିମ୍ ନାମକ କେପ୍ ସାଇଜ୍ ଲାଇମ୍‌ଷ୍ଟୋନ ଜାହାଜ ସଫଳତାର ସହ ଧାମରା ପୋର୍ଟରେ ବର୍ଥ କରି ପୋର୍ଟ ପରିଚାଳନାର ଦକ୍ଷତା ପ୍ରତିପାଦନ କରିଛି। ଟାଟା ଷ୍ଟିଲ ଲିମିଟେଡ୍ ଦ୍ୱାରା ଆସିଥିବା ଏହି ଜାହାଜ ୧୫୮,୬୦୩ ମେଟ୍ରିକ ଟନ୍ ଚୂନପଥରର ଯଥେଷ୍ଟ କାର୍ଗୋ ବହନ କରି ୧୭.୧୪ ମିଟର ଦୂରତାରେ ସୁରକ୍ଷିତ ଭାବେ ବର୍ଥ କରିଥିଲା। ବୃହତ୍ ଆକାରର ଜାହାଜଗୁଡ଼ିକୁ ବର୍ଥ କରାଇବା ପାଇଁ ଧାମରା ପୋର୍ଟର ବର୍ଥଗୁଡ଼ିକ ଡିଜାଇନ କରାଯାଇଛି। ଏହି ବର୍ଥ କାର୍ଗୋ ପରିଚାଳନା କ୍ଷମତାକୁ ବିସ୍ତାର କରିଛି।

# ଧାନକିଣା ସ୍ଥିତିରେ ସୁଧାର ଆଣିବାକୁ ଦାବି

## ଜିଲାପାଳଙ୍କୁ ଭେଟିଲା ଓଡ଼ିଶା କୃଷକ ସଭା

**ଭଦ୍ରକ,୧୦।୩**
**(ସନାତନ ରାଉତ/ରବିନାରାୟଣ ଖିଲାର)**

ଓଡ଼ିଶା କୃଷକ ସଭା ଭଦ୍ରକ ଜିଲା କମିଟି ପକ୍ଷରୁ ଏକ ପ୍ରତିନିଧି ଦଳ ମଙ୍ଗଳବାର ଜିଲାପାଳ ଦିଲୀପ ରାଉତରାଏଙ୍କୁ ଭେଟି ଧାନକିଣା ସ୍ଥିତିରେ ସୁଧାର ଆଣିବାକୁ ଦାବି କରିଛନ୍ତି। ସମସ୍ତ ଚାଷୀ ଓ ଭାଗଚାଷୀଙ୍କଠାରୁ ପ୍ରତ୍ୟକ୍ଷ ଧାନ କିଣିବା, କ୍ରୟ ଅବଧି ଆସନ୍ତା ଏପ୍ରିଲ ୨୫ ପର୍ଯ୍ୟନ୍ତ ବୃଦ୍ଧି, ଅଧିକ ସଂଖ୍ୟକ ଜିଲା ବାହାର ମିଲରମାନଙ୍କୁ ସାମିଲ କରିବା, କଟ୍‌ନି ଛଟ୍‌ନି ବନ୍ଦ ଆଦି ଦାବି କରାଯାଇଛି। ଏହି ପ୍ରତିନିଧି ଦଳ ଜିଲାପାଳଙ୍କ ସହ ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଚାଷୀ ଆନ୍ଦୋଳନ ତୀବ୍ର ହେବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। ପ୍ରତିନିଧି ଦଳରେ ଓଡ଼ିଶା କୃଷକ ସଭାର ରାଜ୍ୟ ଯୁଗ୍ମ ସମ୍ପାଦକ ବିକାଶ


ଓଡ଼ିଶା କୃଷକ ସଭା ପକ୍ଷରୁ ଜିଲାପାଳ ଦିଲୀପ ରାଉତରାଏଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ନାଥ, ଜିଲା ସଭାପତି ଚନ୍ଦ୍ରଶେଖର ନାୟକ, ଜିଲା ସମ୍ପାଦକ ପ୍ରଭାସ ମହାପାତ୍ର, କୃଷକ ନେତା ସତ୍ୟମୂର୍ତ୍ତି ବେହେରା, ରମେଶ ସାହୁ, ମହେଶ୍ୱର ନାୟକ, ଗଙ୍ଗାଧର ମହାଳିକ, ଜଇନୁଲ ଆବେଦିନ ପ୍ରମୁଖ ସାମିଲ ଥିଲେ।

### ପଦ୍ମ ଧରିଲେ ୨୦ ବିଜେଡି କର୍ମୀ

ଧାମନଗର,୧୦।୩(ଦେବେନ୍ଦ୍ର ଆଦ୍ୱିଆ): ପଞ୍ଚାୟତ ନିର୍ବାଚନ ଯେତେ ପାଖେଇ ଆସୁଛି, ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ବିରୋଧୀ ଶିବିର ସେତେ ଦୁର୍ବଳ ହେବାରେ ଲାଗିଛି। ମଙ୍ଗଳବାର ଧାମନଗର ବ୍ଲକ ଦୋବଲ ଜୋନ୍‌ର ଆନନ୍ଦପୁର ଓ ସୋହଡ଼ା ପଞ୍ଚାୟତର ୨୦ରୁ ଅଧିକ ବିଜେଡି କର୍ମୀ ଦଳ ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ସୋହଡ଼ାରୁ ୧୫ ଏବଂ ଆନନ୍ଦପୁରରୁ ୫ ବିଜେଡି କର୍ମୀ ପଦ୍ମ ଧରିଛନ୍ତି। ସ୍ଥାନୀୟ ବିଧାୟକ ତଥା ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଭଦ୍ରକ କୁଆଁସସ୍ଥିତ ବାସଭବନରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଦୋବଲ ଜୋନ ମୁକୁନ୍ଦଦେବ ମଣ୍ଡଳର ଭାଜପା ସଭାପତି ପ୍ରମୋଦ ସୂତାର ଏବଂ ଆନନ୍ଦପୁର ପଞ୍ଚାୟତର ବରିଷ୍ଠ ନେତା ରମେଶ ଚନ୍ଦ୍ର ପତି ଉପସ୍ଥିତ ଥିଲେ। ଜିଲା ଭାଜପା ନେତା ଅରବିନ୍ଦ ପତି, ଚତୁର୍ଭୁଜ ନାୟକ, ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ, ଏନ୍‌ଏସି ପ୍ରତିନିଧି କୈଳାସ ମହାପାତ୍ର, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ମନୋରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ କାଟ୍: ଛଟପଟ ହେଉଛନ୍ତି ଶଯ୍ୟାଶାୟୀ ସୁରେଶ

## ସଂଯୋଗ ନ ହେଲେ ଧାରଣା ଦେବେ ପରିବାର

**ଧୁଷୁରୀ,୧୦।୩(ଦୀପ୍ତିରଞ୍ଜନ ନାୟକ)**

ଦୁର୍ଘଟଣାରେ ମେରୁଦଣ୍ଡ ହାଡ଼ ଭାଙ୍ଗିଯାଇ ଶଯ୍ୟାଶାୟୀ ହୋଇଗଲେ। ଦୁର୍ଘଟଣା ପରଠାରୁ ଏୟାର ବେଡ୍‌ରେ ଶୋଇବାକୁ ପଡୁଥିବା ବେଳେ ଏବେ ବିଦ୍ୟୁତ୍ କାଟ୍ ଯୋଗୁ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି ଚାନ୍ଦବାଲି ବ୍ଲକ ଓଳଗ ଗ୍ରାମର ସୁରେଶ ସୂତାର(୪୩)। ଶଯ୍ୟାଶାୟୀ କଷ୍ଟଠୁ ବଳିଯାଇଛି ବିଜୁଳି ଯନ୍ତ୍ରଣା।

କାଠମିସ୍ତ୍ରୀ ସୁରେଶ ଆଖଣ୍ଡଳମଣି-ଭଦ୍ରକ ରାସ୍ତାପାର୍ଶ୍ୱରେ ଏକ ଝାଟିମାଟି ଘରେ ପରିବାର ସହ ବାସ କରୁଛନ୍ତି। ସ୍ତ୍ରୀ, ୨ ଝିଅ ଓ ଗୋଟିଏ ପୁଅଙ୍କୁ ନେଇ ତାଙ୍କ ପରିବାର। ୨୦୨୨ରେ ଏକ ସଡ଼କ ଦୁର୍ଘଟଣାରେ ତାଙ୍କ ମେରୁଦଣ୍ଡ ହାଡ଼ ଭାଙ୍ଗିଯିବା ପରଠାରୁ ବିଛଣାରେ ଶୋଇଶୋଇ ଦିନ କାଟୁଛନ୍ତି। ୩ଦିନ ତଳେ ତାଙ୍କ ଘରୁ ବିଦ୍ୟୁତ୍ ସଂଯୋଗ କଟି ଯାଇଥିଲା। ପୂର୍ବ ବିଦ୍ୟୁତ୍ ବିଲ୍ ପରିଶୋଧ ହୋଇ ନ ଥିବା ଏବଂ ତାଙ୍କର ସ୍ମାର୍ଟ ମିଟର ବସିଥିବାରୁ ଆପେ ଆପେ ବିଦ୍ୟୁତ୍ ସଂଯୋଗ ବନ୍ଦ ହୋଇଯାଏ ବୋଲି ସେ ଜାଣିବାକୁ ପାଇଥିଲେ। ଘରେ ଦୁଇବେଳା ଦୁଇମୁଠା ଖାଇବାକୁ ପାଉ ନ ଥିବା ସୁରେଶଙ୍କ ପରିବାର ବକେୟା କେମିତି ଶୁଝିବେ, ସେହି ଚିନ୍ତାରେ ଅଛନ୍ତି। ବିଦ୍ୟୁତ୍‌ରେ ଚାଲୁଥିବା ଏୟାର ବେଡ୍ ଅକାମୀ ହେବାରୁ ଅଣ୍ଟା ପାଖରେ ବେଡସୋର ବାହାରି ପଡ଼ିଲାଣି। ଅପରପକ୍ଷେ ପିଲାମାନଙ୍କର ପରୀକ୍ଷା ଚାଲୁଥିବାରୁ ରାତିରେ ସେମାନେ ପାଠ ପଢ଼ିପାରୁ ନାହାନ୍ତି। ସୁରେଶ କହନ୍ତି, ୩ ବର୍ଷ ତଳେ ତାଙ୍କ ଘରେ ଲାଗିଥିବା ମିଟରଟି ଖରାପ ହୋଇଯାଇଥିଲା। ବିଭାଗୀୟ କର୍ମଚାରୀଙ୍କୁ ବାରମ୍ବାର କହିଥିଲେ ବି ସେମାନେ ନୂତନ ମିଟର ବସିବା ପର୍ଯ୍ୟନ୍ତ ସର୍ବନିମ୍ନ ଚାର୍ଜ ବାବଦରେ ମାସିକ ୫୦୦ ଟଙ୍କା ନେଉଥିଲେ। ବର୍ଷେ ତଳେ ନୂତନ ସ୍ମାର୍ଟ ମିଟର ବସିବାରୁ ମାସିକ ବିଲ୍ ଶୀତଦିନେ ୬୦ ଓ ଖରାଦିନେ ୧୮୦ ଟଙ୍କା ଆସିଥାଏ। ପ୍ରତିମାସ ତାଙ୍କ ପରିବାର ବିଦ୍ୟୁତ୍ ବିଲ୍ ପୈଠ କରି ଦିଅନ୍ତି। ଏହାସତ୍ତ୍ୱେ ତାଙ୍କ ଘରୁ ବିଦ୍ୟୁତ୍ କଟାଯିବା ନେଇ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି। ୨ ଦିନ ମଧ୍ୟରେ ବିଦ୍ୟୁତ୍ ସଂଯୋଗ ନ ହେଲେ ପରିବାର ସହ ସାଆଁଳପୁର ବିଦ୍ୟୁତ୍ ବିଭାଗ ଜେଇଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ସୁରେଶ ଚେତାବନୀ ଦେଇଛନ୍ତି। ଏ ବିଷୟରେ ଜେଇ ସାହିଲ ସିଂଙ୍କୁ ପଚାରିବାରୁ ଉକ୍ତ ଉପଭୋକ୍ତାଙ୍କର ବକେୟା ଥିବା ବିଲ୍‌ରୁ ସର୍ବନିମ୍ନ ୨୫ ପ୍ରତିଶତ ଅର୍ଥରାଶି ପୈଠ ନ ହେଲେ ବିଦ୍ୟୁତ୍ ସଂଯୋଗ ହୋଇପାରିବ ନାହିଁ ବୋଲି କହିଛନ୍ତି।


ସୁରେଶ ସୂତାର।

# ଅଟକିଛି କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ

**ଅସୁରାଳି,୧୦।୩(ସନ୍ତୋଷ ସାହୁ)**

ଧାମନଗର ବ୍ଲକର କୋଠାର ପଞ୍ଚାୟତରେ କଲ୍ୟାଣ ମଣ୍ଡପ ଭିତ୍ତିପ୍ରସ୍ତରକୁ ୬ ବର୍ଷ ବିତିଗଲାଣି, ହେଲେ ଏଯାଏ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନାହିଁ। କେବଳ ଗ୍ରେଡ୍‌ବିମ୍ ପଡ଼ି ନିର୍ମାଣ କାର୍ଯ୍ୟ ଅଟକି ରହିଛି।

ପ୍ରକାଶ ଯେ, ୨୦୧୯-୨୦ ଆର୍ଥିକ ବର୍ଷରେ ଭଦ୍ରକ-ଆଖଣ୍ଡଳମଣି ରାଜ୍ୟ ରାଜପଥର କୋଠାର ଛକ ନିକଟରେ ବିଧାୟକ ତଥା ବର୍ତ୍ତମାନର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ନାମଫଳକରେ ୧୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ଉଲ୍ଲେଖ ହୋଇଥିବା ବେଳେ ୨୦୨୨-୨୩ ଆର୍ଥିକ ବର୍ଷରେ ନିର୍ମାଣ କାର୍ଯ୍ୟ



କଲ୍ୟାଣ ମଣ୍ଡପ ପାଇଁ ସ୍ଥାପନ ହୋଇଥିବା ନାମଫଳକ।

ଆରମ୍ଭ ହୋଇଥିଲା। ମାତ୍ର କେବଳ ଗ୍ରେଡ୍‌ବିମ ପଡ଼ିଥିବା ବେଳେ କାର୍ଯ୍ୟ

## ମାଡ଼ିଗଲାଣି ଅନାବନା ଗଛ

ଆଗେଇପାରି ନାହିଁ। ଉକ୍ତ ସ୍ଥାନ ଏବେ ଅନାବନା ଗଛରେ ପରିପୂର୍ଣ୍ଣ ହୋଇଛି। କେବେ ଏହି କଲ୍ୟାଣ ମଣ୍ଡପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ, ସ୍ଥାନୀୟ ଲୋକେ ଚାହିଁ ବସିଛନ୍ତି। ସେହି ରାସ୍ତା ଦେଇ ଜିଲାର ପ୍ରଶାସନିକ ଅଧିକାରୀ ଓ ନେତା ଯିବାଆସିବା କରୁଥିଲେ ମଧ୍ୟ ଏଥିପ୍ରତି କାହାର ଦୃଷ୍ଟି ପଡୁ ନ ଥିବା ଅଭିଯୋଗ ଆଣି ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ବିଡିଓ ବନବିହାରୀ ଦିଣ୍ଡା କହିଛନ୍ତି, ଅନୁଦାନ ଅର୍ଥର ଅଭାବ ଅଛି, ଟଙ୍କା ଆସିଲେ କାମ ହେବ। ଏମିତି ବହୁତ କାମ ଟଙ୍କା ଅଭାବରୁ ପଡ଼ି ରହିଥିବା ସେ କହିଛନ୍ତି।

### ଦକ୍ଷିଣକାଳୀ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା

ତିହିଡ଼ି,୧୦।୩(ସଞ୍ଜିତ ବଳ): ତିହିଡ଼ି ବ୍ଲକ ଅଧୀନ ନୂଆନନ୍ଦ ଗ୍ରାମସ୍ଥିତ ମହାବିଦ୍ୟା ପୀଠରେ ମା' ଦକ୍ଷିଣକାଳୀ ମନ୍ଦିର ପ୍ରତିଷ୍ଠା ପାଇଁ ମଙ୍ଗଳବାର ପୂର୍ବାହ୍ନରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୧୨୭ କଳସ ବୁଡ଼ାଇ ଫେରିବା ପରେ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ପୁରୋହିତ ଭାବେ ବସନ୍ତ ନନ୍ଦ, ରବିନାରାୟଣ ପଣ୍ଡା, ମାନସ ମିଶ୍ର, କାହ୍ନୁଚରଣ ପାଢ଼ୀ, ରବିନାରାୟଣ ନନ୍ଦ ଏବଂ କର୍ତ୍ତା ଭାବେ ଭବାନୀ ଶଙ୍କର ଦାସ, ସୁନିତା ଦାସ, ରାମାନୁଜ ଦାସ, ଚିନ୍ମୟୀ ଦାସ, ମନୋରଞ୍ଜନ ଦାସ, ଅପର୍ଣ୍ଣା ପାର୍ବତୀ ଦାସ, ଲୋକନାଥ ଦାସ ଓ ଶ୍ୟାମାରାଣୀ ଦାସ ପୂଜା କାର୍ଯ୍ୟ ତୁଲାଉଛନ୍ତି। ସାଧକ ପୀତାମ୍ବର ଦାସ ଓ ଶୈଳବାଳା ଦାସଙ୍କ ତତ୍ତ୍ୱାବଧାନରେ ପ୍ରତିଷ୍ଠା ଉତ୍ସବ ହେଉଛି।

# ସେମିରେ ଯାଜପୁର ୧୧ ଷ୍ଟାର୍

## ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

**ଭଣ୍ଡାରିପୋଖରୀ,୧୦।୩**
**(ରାଜେନ୍ଦ୍ର ଶତପଥୀ)**

ଭଣ୍ଡାରିପୋଖରୀ ବ୍ଲକ ବୟାଁବନାପୁର ପଞ୍ଚାୟତ ଚନ୍ଦ୍ରଭାନୁପୁର କ୍ରିକେଟ ପଡ଼ିଆରେ ଚାଲିଥିବା ହରମୋହନ ମହାପାତ୍ର ସ୍ମାରକୀ କ୍ରିକ୍ରେଟ ଟୁର୍ନାମେଣ୍ଟର ଶେଷ କ୍ୱାର୍ଟର ଫାଇନାଲ ମ୍ୟାଚ୍ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଯାଜପୁର ୧୧ ଷ୍ଟାର୍ ଓ କଟକ ୟୁନିୟନ ସ୍ପୋର୍ଟିଂ ମଧ୍ୟରେ ମ୍ୟାଚ୍ ହୋଇଥିଲା। କଟକ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୬୩ ରନ୍ କରିଥିଲା। ଦଳ ପକ୍ଷରୁ ବିନାୟକ ସାହୁ ୧୦୯ ଓ ବିଶ୍ୱଜିତ ପ୍ରଧାନ ୭୭ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ରାଜା ଧଳ ୩ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଯାଜପୁର ୨୦ ଓଭରରେ ୬ ଉଇକେଟ ହରାଇ ୨୬୮ ରନ୍ କରି ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି। ଦଳ ପକ୍ଷରୁ ଅଭିଳାଷ ରାଉତରାୟ ୮୬ ଓ ଶିଶିର ପଟ୍ଟନାୟକ ୬୭ ରନ୍ କରିଥିଲେ।



ଯାଜପୁର ୧୧ ଷ୍ଟାର୍‌ର ଅଭିଳାଷ ରାଉତରାୟ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

ଅଭିଳାଷ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଯୁବନେତା ଲଳିତ ରାଉତ ଅଭିଳାଷଙ୍କୁ ପରସ୍କୃତ କରିଥିଲେ। ଅମ୍ପାୟର ଭାବେ ଦୁର୍ଗା ପଟ୍ଟନାୟକ ଓ ଶାରଦା ପ୍ରସନ୍ନ ମହାପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ।

# ସର୍ବଭାରତୀୟ ପାରେଶ୍ୱର ମଲ୍ଲିକ ଭଲିବଲ୍ ଟୁର୍ନାମେଣ୍ଟ

**ବାସୁଦେବପୁର,୧୦।୩(ନାରାୟଣ ପ୍ରସାଦ ବାରିକ୍)**

ବାସୁଦେବପୁର ପୌରପାଳିକା ଅଧୀନ ମଣ୍ଡଳପୋଖରୀ ପଡ଼ିଆରେ ୧୧ତମ ସର୍ବଭାରତୀୟ ପାରେଶ୍ୱର ମଲ୍ଲିକ ଭଲିବଲ୍ ଟୁର୍ନାମେଣ୍ଟ ସୋମବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ଭଲିବଲ୍ ଆସୋସିଏଶନ ଆନୁକୂଲ୍ୟରେ ଓ ମଣ୍ଡଳପୋଖରୀ ଯୁବକ ସଂଘ ସହଯୋଗରେ ଆୟୋଜିତ ଏହି ଟୁର୍ନାମେଣ୍ଟ ୩ ଦିନ ଚାଲିବାକୁ ଥିବାବେଳେ ୬ ଟିମ୍ ଏଥିରେ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍‌ରେ ୩-୦ ସେଟ୍‌ରେ ଆନ୍ଧ୍ର ସ୍ୱାଇକରକୁ ହରାଇ କେରଳ ଷ୍ଟେଟ ଇଲେକ୍ଟ୍ରିସିଟି ବିଜୟୀ ହୋଇଛି। ସେହିପରି ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲ ଓ ଆନ୍ଧ୍ର ସ୍ୱାଇକର ମଧ୍ୟରେ ୨ୟ ପର୍ଯ୍ୟାୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଆନ୍ଧ୍ର ସ୍ୱାଇକର ୩-୧ ସେଟ୍‌ରେ ବିଜୟୀ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୌର ନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ, ଅନ୍ୟତମ ଅତିଥି ଭାବେ ପୂର୍ବତନ ନଗରପାଳ ପଞ୍ଚାନନ ସେନାପତି, ପାରିଷଦ ଜଗବନ୍ଧୁ ଦାସ, ହେମନ୍ତ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ରେଫରୀ ଭାବେ ଅଭ୍ରାଂଶୁ ମହାନ୍ତି, ମନୋରଞ୍ଜନ ପଣ୍ଡା, ରାଜେଶ ଦାସ, ଚାରୁଚନ୍ଦ୍ର ନାୟକ, ମାନସ ରଞ୍ଜନ ମିଶ୍ର, ରଞ୍ଜନ ସାହୁ ଓ ପ୍ରଦୋଶ ଟିପିଟିଆ କାର୍ଯ୍ୟ ତୁଲାଉଛନ୍ତି। ମଣ୍ଡଳପୋଖରୀ ଯୁବକ ସଂଘ ପକ୍ଷରୁ ସଭାପତି ଅମର ଚନ୍ଦ୍ର ମଲ୍ଲିକ, ସମ୍ପାଦକ ଉଦୟ ନାରାୟଣ ମଲ୍ଲିକଙ୍କ ସମେତ କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ଆୟୋଜିତ ହୋଇଛି।



ଅତିଥିଙ୍କ ସହ ୨ ଦଳର ଖେଳାଳି।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

କରଞ୍ଜିଆ,୧୦ା୩ (କବିତା ମହନ୍ତ)

କରଞ୍ଜିଆ ଷ୍ଟାଡିୟମ ନିକଟରେ ଥିବା ଏକ ହୋଟେଲର ରୋଷେୟା ବୀରେନ୍ଦ୍ର କୁମାର ନାୟକ(୩୮)ଙ୍କ ସୋମବାର ରାତିରେ ଟ୍ରକ୍ ଧକ୍କାରେ ମୃତ୍ୟୁ ଘଟିଛି। ସେ ପରିସ୍ରା କରିବା ପାଇଁ ରାସ୍ତାକୁ ଆସିଥିବା ବେଳେ ଏକ ଟ୍ରକ୍ ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ବୀରେନ୍ଦ୍ରଙ୍କ ମୃତ୍ୟୁ ହୋଇଥିଲା। କରଞ୍ଜିଆ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

### ବାଲି ବୋଝେଇ ଟ୍ରାକ୍ଟର ଜବତ

ଉଦଳା,୧୦ା୩ (ସନ୍ତୋଷ କୁମାର ବାଛିନୀ)

ଉଦଳା ବଜାର ମଝିରୁ ଖଣି ବିଭାଗ ଏକ ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି। ସୋମବାର ରାତି ପ୍ରାୟ ୩ଟା ସମୟରେ ଉକ୍ତ ଟ୍ରାକ୍ଟରରେ ଉଦଳା ତହସିଲ ଅଧୀନ ତେଲଦିହୁଡ଼ି ବେଆଇନ ବାଲିଘାଟରୁ ବାଲି ଉତ୍ତୋଳନ ପରେ ଚୋରା ଚାଲାଣ କରାଯାଉଥିଲା। ଟ୍ରାକ୍ଟରଟି ଉଦଳା ବଜାର ଦେଇ ଯାଉଥିବା ବେଳେ ଖବରପାଇ ଖଣି ଅଧିକାରୀ ତାହାକୁ ଜବତ କରିଥିଲେ। ଜବତ ଟ୍ରାକ୍ଟରକୁ ଉଦଳା ଥାନାରେ ରଖାଯାଇଛି।

### ବାଲି ବୋଝେଇ ହାଇୱା ଜବତ

ବୈଶିଙ୍ଗା,୧୦ା୩ (ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ପୋଲିସ ଏକ ଚୋରା ବାଲି ବୋଝେଇ ହାଇୱା ଜବତ କରିଛି। ଖଣି ବିଭାଗ ଅଧିକାରୀ ଓ ଚୋରା ଚାଲାଣକାରୀଙ୍କ ସଲାସୁତୁରା ଯୋଗୁ ଅଞ୍ଚଳରେ ବାଲି ଓ ମୋରମ ଭଳି ଲଘୁ ଖଣିଜ ଦ୍ରବ୍ୟର ଚୋରା ଚାଲାଣ ବଢି ଚାଲିଛି। ଦିନ ରାତି ବୁଢ଼ାବଳଙ୍ଗ ନଦୀ ପଠାରୁ ବାଲି ଓ ଡାହିସାହି ଅଞ୍ଚଳରୁ ମୋରମ ଉତ୍ତୋଳନ କରି ବାହାର ରାଜ୍ୟକୁ ପଠାଯାଉଛି। ମଙ୍ଗଳବାର ସନ୍ଧ୍ୟାରେ ପୋଲିସ ଚୋରା ବାଲି ବୋଝେଇ ହାଇୱା ଜବତ କରି ଥାନାକୁ ଆଣିଛି। ହାଇୱା ଚାଳକ ପରିମଳ ଜେନା (୪୮)ଙ୍କୁ ଗିରଫ କରାଯାଇଛି।

### ନୂଆ ଥାନାଧିକାରୀଙ୍କ ଯୋଗଦାନ

ଗୋପବନ୍ଧୁ ନଗର,୧୦ା୩ (ଶାନ୍ତନୁ କୁମାର ମଡୁଆଲ)

ଖୁଣ୍ଟା ଥାନାରେ କାର୍ଯ୍ୟରତ ଆଇଆଇସି ପଞ୍ଚାନନ ମହାନ୍ତିଙ୍କ ବଦଳି ପରେ ମଙ୍ଗଳବାର ନୂତନ ଥାନା ଅଧିକାରୀ ଭାବେ ଆଦିତ୍ୟ ପ୍ରସାଦ ଜେନା କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏଥି ପୂର୍ବରୁ ସେ ବାରିପଦା ସଦର ଥାନାରେ ଆଇଆଇସି ଭାବେ କାର୍ଯ୍ୟରତ ଥିଲେ। ଥାନା କର୍ମଚାରୀଙ୍କ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଓ ଶୁଭେଚ୍ଛା ପ୍ରଦାନ କରାଯାଇଛି।

### ମଦ ଜବତ, ଜଣେ ଗିରଫ

ମୋରଡ଼ା,୧୦ା୩ (ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଅବକାରୀ ବିଭାଗ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଜଣେ ଯୁବକଙ୍କ ନିକଟରୁ ଦେଶୀ ମଦ ଜବତ କରିଛି। ଏନେଇ ଅବକାରୀ ଥାନାରେ ଏକ ମାମଲା(ନଂ. ୨୦୪/୨୬) ରୁଜୁ ହୋଇଛି। ମୋରଡା ଅବକାରୀ ଅଧିକାରୀ ଦୀପକ ରାଉତଙ୍କ ସୂଚନା ମୁତାବକ,ବାରିପଦା ତକତପୁର ଅଞ୍ଚଳର ଯୁବକ ବାବୁଲି ମାର୍ଣ୍ଡି ଏକ ସ୍କୁଟି ଯୋଗେ ୨୫ ଲିଟର ଦେଶୀ ମଦ ନେଇ ଯାଉଥିବା ସମୟରେ ଖବରପାଇ ଅବକାରୀ ବିଭାଗ ମୋରଡା ବଜାର ନିକଟରେ ତାଙ୍କୁ ମାଡ଼ି ବସିଥିଲା। ବାବୁଲିଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

## ମିଳୁନି ଆବାସ ଗୃହ ଅର୍ଥ

# ହିତାଧିକାରୀ ହନ୍ତସନ୍ତ

ମୋରଡ଼ା,୧୦ା୩ (ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ଅଧୀନ ବରକନ୍ଦ ପଞ୍ଚାୟତ ଔଁସି ଗ୍ରାମର ଲୋଧା ଜନଜାତିର ଏକ ପରିବାରକୁ ଦ୍ୱିତୀୟ ପର୍ଯ୍ୟାୟ ପ୍ରଧାନମନ୍ତ୍ରୀ ଆବାସ ଗୃହ ଅର୍ଥ ମିଳୁ ନାହିଁ। ଫଳରେ ଉକ୍ତ ପରିବାରର ୫ ଜଣ ସଦସ୍ୟ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମରେ ବଂଶୀଧର ନାଏକ ଏବଂ ତାଙ୍କ ସ୍ତ୍ରୀ ନିୟତିଙ୍କ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ଘର ମିଳିଥିଲା। କାର୍ଯ୍ୟାଦେଶ ପାଇବା ପରେ ନିୟତି ଘର କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୪୦ ହଜାର ଟଙ୍କା ପାଇବା ପରେ ନିୟତି ଛାତ ଢଳେଇ



ନିୟତି ନାଏକ ଓ ତାଙ୍କ ସ୍ୱାମୀ ବ୍ଲକ୍ କାର୍ଯ୍ୟାଳୟରେ ଅଭିଯୋଗ କରୁଛନ୍ତି।

ପର୍ଯ୍ୟନ୍ତ ଘର କାର୍ଯ୍ୟ କରିଛନ୍ତି। କିନ୍ତୁ ଦ୍ୱିତୀୟ ପର୍ଯ୍ୟାୟ ବାବଦରେ ପାଇବାକୁ ଥିବା ୬୫ ହଜାର ଟଙ୍କା ମିଳତି ଆଉ ପାଇ ନାହାନ୍ତି। ଫଳରେ ଘରର ଛାତ ପକାଇ ପାରୁନାହାନ୍ତି। ୨ ମାସ ହେବ ସେ ପଞ୍ଚାୟତ ଏବଂ ବ୍ଲକ କାର୍ଯ୍ୟାଳୟକୁ ଆସି ଏବାବଦରେ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କେହି ଶୁଣୁ ନାହାନ୍ତି। ମଙ୍ଗଳବାର ମଧ୍ୟାହ୍ନ ୧୨ଟା ସମୟରେ ନିୟତି ସ୍ଥାନୀୟ ଗ୍ରାମବାସୀ ଭେଣ୍ଟୁ ମଲିକଙ୍କ ସହିତ ବ୍ଲକ କାର୍ଯ୍ୟାଳୟକୁ ଆସି ଗଣମାଧ୍ୟମ ପ୍ରତିନିଧିଙ୍କୁ ଏବାବଦରେ ଜଣାଇବା ପରେ ଜିପିଡିଓ ଶଙ୍କର ମୁର୍ମୁ ନିୟତିଙ୍କୁ ମୋରଡା ଏବିଡିଓ ସୁଶାନ୍ତ କୁମାର ରାଉଳଙ୍କ ନିକଟକୁ ନେଇଥିଲେ। ଏବିଡିଓ ରାଉଳ ଉକ୍ତ ଘଟଣାର ତଦାରଖ କରି ନିୟତିଙ୍କ ଜିଓଟେକ ଫଟୋରେ ତ୍ରୁଟି ଥିବା କହିଥିଲେ। ଯଥାଶୀଘ୍ର ପୁଣି ଜିଓଟେକ ଫଟୋ ଉଠାଇ ଟଙ୍କା ମିଳିବା ପ୍ରକ୍ରିୟା କରିବାକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରସନ୍ନ ମହାନ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ପଞ୍ଚାୟତ ନିର୍ବାହୀ ଅଧିକାରୀ ମହାନ୍ତ ଘଟଣା ବାବଦରେ ପୂର୍ବରୁ କେମିତି ଜାଣି ପାରିଲେ ନାହିଁ, ନିଜ ଦାୟିତ୍ୱର ଅବହେଳା ପାଇଁ ଗୋଟିଏ ପରିବାର ଦୀର୍ଘ ମାସ ହେବ ଏକ କୁଡ଼ିଆରେ ରହୁଛନ୍ତି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଯୁବକଙ୍କୁ ଅପହରଣ ଉଦ୍ୟମ

## ଲୋକଙ୍କ ମାଡ଼ରେ ୩ ଗୁରୁତର

ବୈଶିଙ୍ଗା,୧୦ା୩(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଶିଖରଖୁଣ୍ଟା ଗ୍ରାମରେ ସୋମବାର ସନ୍ଧ୍ୟାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବାଲେଶ୍ୱର ଅଞ୍ଚଳର ୮ଜଣ ଯୁବକ ୩ଟି ବାଇକରେ ପହଞ୍ଚି ରବିନ୍ଦ୍ର ବେହେରାଙ୍କ ପୁଅ କାର୍ତ୍ତିକଙ୍କୁ ଅପହରଣ ଉଦ୍ୟମ କରି ବିଫଳ ହୋଇଥିଲେ। ତେବେ ସେମାନଙ୍କ ମଧ୍ୟରୁ ଧରା ପଡ଼ିଥିବା ୩ଜଣଙ୍କୁ ସ୍ଥାନୀୟ ଲୋକେ ମାଡ଼ ମାରିଥିଲେ। ଗୁରୁତର ଅବସ୍ଥାରେ ସେମାନେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ଧରା ପଡ଼ିଥିବା ଯୁବକମାନେ ହେଲେ ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଅଞ୍ଚଳର ଶମ୍ଭୁନାଥ ମୁର୍ମୁ ଓ ରୁହିଆ ମୁର୍ମୁ ଏବଂ ଚାନ୍ଦିପୁର ଅଞ୍ଚଳର ସନିଆ ଚପିଆର। ଯୁବକମାନେ ଶିଖରଖୁଣ୍ଟା ଗ୍ରାମରେ ପହଞ୍ଚି ପ୍ରଥମେ କାର୍ତ୍ତିକଙ୍କୁ ଖୋଜିଥିଲେ। ତେବେ କାର୍ତ୍ତିକ ଛକରେ ଥିବା ଏକ ଦୋକାନରେ ବସିଥିବା ଦେଖି ହଠାତ୍ ଆକ୍ରମଣ କରିଥିଲେ। ଏବଂ ତାଙ୍କ ସହିତ ଜୋରଜବରଦସ୍ତ ନେଇଯିବାକୁ ଉଦ୍ୟମ କରିଥିଲେ। ଧସ୍ତାଧସ୍ତି ଚାଲିଥିବା ବେଳେ ସ୍ଥାନୀୟ ଲୋକେ ଏକତ୍ରିତ ହୋଇ ପ୍ରତିରୋଧ କରିଥିଲେ। ୫ଜଣ ଦୁଇଟି ବାଇକ୍‌ରେ ଖସି ପଳାଇଥିଲେ। ଅନ୍ୟ ୩ଜଣଙ୍କୁ ଲୋକେ ଅଟକ ରଖିବା ସହିତ ଉତ୍ତମ ମଧ୍ୟମ ଦେଇ ଥାନାକୁ ଖବର ଦେଇଥିଲେ। ସୂଚନା ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ୩ ଜଣଙ୍କୁ କାବୁ କରି ଥାନାକୁ ଆଣିବା ସହିତ ସେମାନଙ୍କୁ ବୈଶିଙ୍ଗା ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। ଅବସ୍ଥା ଗୁରୁତର ହେବାରୁ ସୋମବାର ବିଳମ୍ବିତ ରାତିରେ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଏନେଇ କାର୍ତ୍ତିକଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା(ନଂ. ୧୨୨/୨୬) ରୁଜୁ କରି ତଦନ୍ତ ଜାରି ରଖିଛି।

# ତଦନ୍ତ କଲା ଜାତୀୟ ମାନବାଧିକାର କମିଶନ

## ବିଦ୍ୟାଳୟ ହଷ୍ଟେଲରୁ ଛାତ୍ରୀଙ୍କ ମୃତଦେହ ଉଦ୍ଧାର ଘଟଣା

ଉଦଳା,୧୦ା୩(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ବ୍ଲକ୍ ଶାଳଖୁଣ୍ଟା ପିଏମ୍‌ଶ୍ରୀ ଆଶ୍ରମ ବିଦ୍ୟାଳୟ ହଷ୍ଟେଲରୁ ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣାର ତଦନ୍ତ ଆରମ୍ଭ କରିଛି ଜାତୀୟ ମାନବାଧିକାର କମିଶନ। ପୋଲିସ ଘଟଣାର ତଦନ୍ତ କରିଥିବା ବେଳେ ଜାତୀୟ ମାନବାଧିକାର କମିଶନର ୩ ଜଣିଆ ଟିମ୍ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ବିଦ୍ୟାଳୟରେ ପହଞ୍ଚି ଖୋଳତାଡ଼ ଆରମ୍ଭ କରିଛନ୍ତି। ବିଦ୍ୟାଳୟରେ ଘଟଣା ଦିନ ଉପସ୍ଥିତ ଥିବା ସମସ୍ତ କର୍ମଚାରୀଙ୍କୁ ପଚରାଉଚରା ସହିତ ଘଟଣାସ୍ଥଳ ମଧ୍ୟ ବୁଲି ଦେଖିଛନ୍ତି। ଏହି ତଦନ୍ତ ପ୍ରକ୍ରିୟା ଆହୁରି ୨ ଦିନ ଚାଲିବ। ତଦନ୍ତ ସମୟରେ ଜିଲା ମଙ୍ଗଳ ଅଧିକାରୀ, ଉଦଳା ଥାନା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଗତ ୨୦୨୫ ଏପ୍ରିଲ ୧୩ରେ ବିଦ୍ୟାଳୟ ହଷ୍ଟେଲରୁ ଦ୍ୱିତୀୟ ଶ୍ରେଣୀଛାତ୍ରୀ କାନ୍ଦରୀ ମଡ଼େଇଙ୍କ



ବିଦ୍ୟାଳୟ ପରିସରରେ ଜାତୀୟ ମାନବାଧିକାର କମିଶନ ଟିମ୍।

ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିଲା। ମାତ୍ର ୩ ଫୁଟ ଉଚ୍ଚରେ ଥିବା ଏକ ବାଉଁଶରେ ଶୁଖୁଥିବା ଆପରନରେ ଗୁଡେଇ ହୋଇ ତାଙ୍କର ମୃତ୍ୟୁ ଘଟିଥିବା ବିଦ୍ୟାଳୟ ପକ୍ଷରୁ କୁହାଯାଇଥିଲା। ଉକ୍ତ ଘଟଣାକୁ ନେଇ ସେହି ସମୟରେ ଅନେକ ପ୍ରଶ୍ନ ଉଠିଥିଲା। ମୃତ୍ୟୁ ପଛରେ ଅନ୍ୟ କିଛି କାରଣ ଥିବା ସନ୍ଦେହ କରାଯାଇଥିଲା।

### ୨୪୫ ଲିଟର ମଦ ଜବତ

ଗୋପବନ୍ଧୁ ନଗର,୧୦ା୩ (ଶାନ୍ତନୁ କୁମାର ମଡୁଆଲ)

ଖୁଣ୍ଟା ଅବକାରୀ ବିଭାଗ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୨୧୦୦ କେଜି ପୋଚ ନଷ୍ଟ କରିବା ସହିତ ୨୪୫ ଲିଟର ଦେଶୀ ମଦ ଜବତ କରିଛି। ବଡ଼ସାହି ବ୍ଲକର ବାଇଧର ସିଂ ଠାରୁ ୨୫ ଲିଟର ମଦ ସହ ଏକ ସ୍କୁଟି ଜବଦ କରାଯିବା ବେଳେ ପଶୁଦା ପଞ୍ଚାୟତ ସାନ ବେଲାକୁଟିରୁ ଚୈତନ୍ୟ ଗୁଡୁଙ୍କ ଠାରୁ ୧୮ ଲିଟର ଓ ମୁଚୁରଦା ପୁଡୁ ମୁର୍ମୁ ଠାରୁ ୧୦ ଲିଟର ମଦ ଜବତ କରାଯାଇଛି। ସେହିପରି ଶିଳଘାଟି ପଞ୍ଚାୟତ କେନ୍ଦୁଆ ମୁଣ୍ଡିରୁ ୧୬୦ ଲିଟର ଦେଶୀ ମଦ ଓ ମଦ ପ୍ରସ୍ତୁତ ପାଇଁ ରଖାଯାଇଥିବା ୨୧୦୦ ଲିଟର ପୋଚ ନଷ୍ଟ କରାଯାଇଛି। ବିଭାଗର ଏଏସ୍‌ଆଇ କୃଷ୍ଣଚନ୍ଦ୍ର ସେଠୀଙ୍କ ତତ୍ତ୍ୱାବଧାନରେ କନେଷ୍ଟବଳ ନିରଞ୍ଜନ ମହାନ୍ତ,ଦିବ୍ୟାଙ୍ଗଶୁ ପଣ୍ଡା, କିଶୋର ସୋରେନ ଓ ଦୀପାଞ୍ଜଳି ଦାସ ଟିମ୍ ଚଢ଼ାଉରେ ସାମିଲ ଥିଲେ।

# ରାଇରଙ୍ଗପୁରରେ ଖାଦ୍ୟ ଆୟୋଗ ସଦସ୍ୟ

ରାଇରଙ୍ଗପୁର,୧୦ା୩ (ମାନସ ମହାନ୍ତି)

ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟଙ୍କ ୪ଦିନିଆ ମୟୂରଭଞ୍ଜ ଗସ୍ତ ଅବସରରେ ମଙ୍ଗଳବାର ଅପରାହ୍ନରେ ରାଇରଙ୍ଗପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆୟୋଗ ସଦସ୍ୟ ଦୟାନିଧି ଦାଶ, ଅକ୍ଷୟ କୁମାର ବେହେରା ଓ ପ୍ରିୟବ୍ରତ ସାମନ୍ତରାୟ ଯୋଗ ଦେଇଥିଲେ। ରାଇରଙ୍ଗପୁର ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ନାରାୟଣୀ ପ୍ରିୟଦର୍ଶନୀ ପଣ୍ଡା, ରାଇରଙ୍ଗପୁର ଅତିରିକ୍ତ ଯୋଗାଣ ଅଧିକାରୀ ସାରଙ୍ଗଧର ବେହେରା, ସିଡିପିଓ କୋଇଲିମଣି ଟୁଡୁ, ଗୋଷ୍ଠୀ ଶିକ୍ଷାଧିକାରୀ ଘନଶ୍ୟାମ ମୁର୍ମୁଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ପରେ ଆୟୋଗ ସଦସ୍ୟ ବଡମୌଦା, ଠାକୁରାଣୀବେଡାସ୍ଥିତ ଅଙ୍ଗନୱାଡି କେନ୍ଦ୍ରକୁ ଯାଇ ଶିଶୁମାନଙ୍କ ସହିତ ସ୍ନେହପୂର୍ଣ୍ଣ ଭାବ ବିନିମୟ କରିବା ସହିତ କେନ୍ଦ୍ରର କର୍ମକର୍ତ୍ତାଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏଥିସହ ସାନପାଖଣା ସରକାରୀ ୟୁ ପି ସ୍କୁଲ, ଖେଜୁରିଆ ସରକାରୀ ପ୍ରାଇମେରୀ ସ୍କୁଲ, ବଡଗାଁ ୟୁ ପି ସ୍କୁଲକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଏହାସହ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଟିପିଡିଏସ୍ (ଟାର୍ଗେଟେଡ ସାଧାରଣ ବଣ୍ଟନ ବ୍ୟବସ୍ଥା ) କାର୍ଯ୍ୟକାରିତା ସମ୍ପର୍କରେ ଅନୁଧ୍ୟାନ କରିଥିଲେ।

# ଯୁବକଙ୍କୁ କାଚ ବୋତଲ ଭୁସି ହତ୍ୟା ଉଦ୍ୟମ

ମୋରଡ଼ା/ରାସଗୋବିନ୍ଦପୁର,୧୦ା୩ (ସ୍ମାରକ ମାଜୀ/ସତ୍ୟବାଦୀ ପରିଡ଼ା)

ଜଣେ ଯୁବକଙ୍କୁ କାଚ ବୋତଲ ଭୁସି ଜୀବନରୁ ମାରିଦେବା ଅଭିଯୋଗରେ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ଜଣକ ହେଲେ ବାଲେଶ୍ୱର ଜିଲା ବସ୍ତା ଥାନା ଅଞ୍ଚଳର ବିଜୟ ସେନାପତି। ଏନେଇ ରାସଗୋବିନ୍ଦପୁର ଥାନାରେ ଏକ ମାମଲା(ନଂ. ୯୦/୨୬) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ଖୁଣ୍ଟା ରେଳ ଫାଟକ ନିକଟରେ ବସ୍ତା ଥାନା ଅଞ୍ଚଳର ରତନ କୁମାର ଦାସ ଏକ ପାନ ଦୋକାନ କରିଛନ୍ତି। ଗତ ୩ ତାରିଖ ରାତି ୯ଟା ୩୦ ମିନିଟ ସମୟରେ କେତେଜଣ ଯୁବକ ଦୋକାନକୁ ଆସି ରତନଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଏକ କାଚ ବୋତଲରେ ତାଙ୍କ ପେଟକୁ ଭୁସି ରକ୍ତାକ୍ତ କରିଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ରତନଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଉକ୍ତ ଘଟଣାର ତଦନ୍ତ କରି ପୋଲିସ ମଙ୍ଗଳବାର ବିଜୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

# ଭାଗନେଲେ ୨୫୦ ପ୍ରତିଯୋଗୀ



ଗଣଦୌଡ଼ରେ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀମାନେ।

## ଜିଲାସ୍ତରୀୟ ଗଣଦୌଡ଼ ପ୍ରତିଯୋଗିତା

ବାରିପଦା,୧୦ା୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର ସମସ୍ତ ଅଣସ୍ୱୀକୃତିପ୍ରାପ୍ତ ଶିଳ୍ପ ଅନୁଷ୍ଠାନ ସହଯୋଗରେ ତଥା ବାରିପଦା ଶିଳ୍ପ ତାଲିମ କେନ୍ଦ୍ର ଆନୁକୂଲ୍ୟରେ ଏକ ଗଣଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ମନ୍ଦିର ନିକଟରୁ ବାରିପଦା ଷ୍ଟାଡିୟମ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଗଣଦୌଡରେ ୨୫୦ ଜଣ ଯୁବତୀ ଯୁବକ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ସଡ଼କ ପରିବହନ ଅଧିକାରୀ ପ୍ରଶାନ୍ତ କୁମାର ପରିଡା ଯୋଗଦେଇ ଏହି ଗଣଦୌଡକୁ ଉଦ୍‌ଘାଟନ କରିବା ସହ ସଡ଼କ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ନିଯୁକ୍ତି ଅଧିକାରୀ ଆଶିଷ ବସନ୍ତିଆ, ରାଜ୍ୟ ସଭାପତି ଅରୁଣ କୁମାର ନାଏକ, ଉପ ସଭାପତି ଦିଲ୍ଲୀପ କୁମାର ମହାଭୋଇ, ଜିଲା ସମ୍ପାଦକ ରୁପେଶ କୁମାର ଗିରି, ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ବର୍ଷା ବୈଶାଳୀ, ସୁଶାନ୍ତ ମହାନ୍ତି, ସୁଭଦ୍ରା ବେହେରା, ବିଶ୍ୱଜିତ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବାଳିକା ବିଭାଗରେ ସହନାଇ ଟୁଡୁ ୧ମ, ସରୋଜିନୀ ମହାନ୍ତ ୨ୟ, କବିତା ସିଂ ୩ୟ ସ୍ଥାନ ଅଧିକାର କରିଥିବା ବେଳେ ବାଳକ ବିଭାଗରେ ଅନିଲ କୁମାର ସିଂ ୧ମ, ସୁଦା ହେମ୍ବ୍ରମ ୨ୟ ଓ ରାମଚନ୍ଦ୍ର ଟୁଡୁ ୩ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

# ୧୪ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ବାରିପଦା,୧୦ା୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଆସନ୍ତା ୧୪ ତାରିଖରେ ଜିଲା ଆଇନ ସେବା ପ୍ରାଧିକରଣ, ମୟୂରଭଞ୍ଜ ବାରିପଦାଙ୍କ ଦ୍ୱାରା ଜିଲା କୋର୍ଟ ପରିସରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି। ଜିଲା କୋର୍ଟ ବାରିପଦା ବ୍ୟତୀତ ଅନ୍ୟାନ୍ୟ ସ୍ଥାନ ଯଥା ତାଲୁକ ଆଇନସେବା ସମିତି କରଞ୍ଜିଆ, ରାଇରଙ୍ଗପୁର, ଉଦଳା, ବେତନଟୀ, ଯଶିପୁର, ଠାକୁରମୁଣ୍ଡା, ରାସଗୋବିନ୍ଦପୁର ଓ ମୋରଡ଼ାଠାରେ ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ପ୍ରକାରର ବିଚାରାଧୀନ ମୋକଦ୍ଦମା ଯଥା ଦେୱାନୀ, ଫୌଜଦାରୀ (ସାଲିସ ଯୋଗ୍ୟ), ପ୍ଲି-ବାର୍ଗେନିଙ୍ଗ ମାମଲା, ମୋଟରଯାନ ଦୁର୍ଘଟଣା ଜନିତ କ୍ଷତି ପୂରଣ, ସାଲିସ ଯୋଗ୍ୟ ଟ୍ରାଫିକ ଚାଲାଣ ମାମଲା, ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳ ଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ ବାଉନ୍ସ ମାମଲା ମାମଲାର ଆପୋଷ ସମାଧାନ ହୋଇପାରିବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲା ଦୌରାଜଜ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ସୁଦୀପ୍ତ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ଏଥିରେ ଅଧିକରୁ ଅଧିକ ସଂଖ୍ୟାରେ ଅଂଶଗ୍ରହଣ କରି ପୁରୁଣା ବିବାଦଗୁଡିକର ଆପୋଷ ସମାଧାନ କରାଇବା ନିମନ୍ତେ ଜିଲା ଆଇନ ସେବା ପ୍ରାଧିକରଣ ମୟୂରଭଞ୍ଜ, ବାରିପଦା ପକ୍ଷରୁ ସମସ୍ତଙ୍କୁ ନିବେଦନ କରାଯାଇଛି।

# କମ୍ୟୁନିଟି ହଲ୍‌ର ଭିତ୍ତିପ୍ରସ୍ତର ସ୍ଥାପନ



ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ବିଧାୟକ ଭାସ୍କର ମଡ଼େଇ ଓ ଅନ୍ୟମାନେ।

ଉଦଳା,୧୦ା୩ (ସନ୍ତୋଷ କୁମାର ବାଛିନୀ)

ଉଦଳା ବିଧାୟକ ଭାସ୍କର ମଡ଼େଇଙ୍କ ଦ୍ୱାରା ୨ଟି ମନ୍ଦିର ପାଇଁ କମ୍ୟୁନିଟି ହଲର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଉଦଳା ବ୍ଲକ ଖଲାଡି ପଞ୍ଚାୟତର ପାଟପୁରଠାରେ ଥିବା ମାଉସୀ ମା’ ମନ୍ଦିର ଏବଂ ଖୁଣ୍ଟାପାଳସ୍ଥିତ ଜଗନ୍ନାଥ ମନ୍ଦିର ନିକଟରେ ଏହି ୨ଟି କମ୍ୟୁନିଟି ହଲ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମୁଖ୍ୟମନ୍ତ୍ରୀ ସହାୟତା ଯୋଜନାରେ ୧୦ ଲକ୍ଷ ଟଙ୍କା ଲେଖାଏ ବ୍ୟୟ ଅଟକଳରେ ଏହା ନିର୍ମାଣ ହେବ। ବିଧାୟକଙ୍କ ସହିତ ବିଜୟ ସେନାପତି, ପ୍ରଭାତ ପରିଡ଼ା, ବିଭୁତି ମହାନ୍ତଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

# ପେନ୍‌ସନଧାରୀଙ୍କ ଗଣଧାରଣା

ବାରିପଦା,୧୦ା୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମଙ୍ଗଳବାର ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଖିଳ ଭାରତ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ମହାସଂଘ ଓ ନିଖିଳ ଓଡ଼ିଶା ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ମହାସଂଘର ମିଳିତ ଆହ୍ୱାନ କ୍ରମେ ଏକ ବିଶାଳ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କର ନିୟମ ଅନୁଯାୟୀ ସମସ୍ତ ସରକାରୀ ଓ ବ୍ୟବସାୟିକ ବ୍ୟାଙ୍କର ପେନସନଧାରୀଙ୍କର ପେନସନର ପୁନଃ ନିର୍ଦ୍ଧାରଣ ନିମନ୍ତେ ଅନୁଷ୍ଠିତ ଧାରଣାରେ ବାରିପଦା ଓ ଆଖପାଖ ଅଞ୍ଚଳର ଶତାଧିକ ସଦସ୍ୟ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ବିଭିନ୍ନ ଦାବିକୁ ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଂଘର କର୍ମକର୍ତ୍ତା ପରେଶ ଚନ୍ଦ୍ର ପାତ୍ର, ରବୀନ୍ଦ୍ର ସାହୁ, ଅସୀମ କୁମାର ସରକାର ଓ ପ୍ରଦୀପ କୁମାର ପାଣିଗ୍ରାହୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ଚେତାବନୀ ଦେଇଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା।



ବିକ୍ଷୋଭ ପ୍ରଦର୍ଶନ କରୁଥିବା ପେନସନଧାରୀମାନେ।

# ୧୩ରୁ ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା

## ମୟୂରଭଞ୍ଜ ଜିଲା ପରିକ୍ରମା କରିବ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତିରଥ

ବାରିପଦା,୧୦ା୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାର ବୁଢ଼ାବଳଙ୍ଗ, ଚିପଟ ଏବଂ ଇଟାଯୋଡ଼ି ନଦୀର ତ୍ରିବେଣୀ ସଙ୍ଗମ ସ୍ଥଳରେ ଅନୁଷ୍ଠିତ ହୋଇ ଆସୁଥିବା ବଳାଙ୍ଗୀ ମହୋତ୍ସବ ଆସନ୍ତା ୧୩ ତାରିଖରୁ ଆରମ୍ଭ ହେବ। କମିଟି ପକ୍ଷରୁ ବିଗତ ୯ ବର୍ଷ ଧରି ଜିଲାବାସୀଙ୍କ ମଧ୍ୟରେ ସାଂସ୍କୃତିକ ସମନ୍ୱୟ ରକ୍ଷା ଏବଂ ଭାଇଚାରାର ପରମ୍ପରାକୁ ମଜଭୁତ କରିବା ଉଦ୍ଦେଶ୍ୟରେ ଅନୁଷ୍ଠିତ ହୋଇ ଆସୁଥିବା ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଏବଂ ମହାରାଜା ଶ୍ରୀରାମ ଚନ୍ଦ୍ର ଜ୍ୟୋତିରଥର ଜିଲା ପରିକ୍ରମା କାର୍ଯ୍ୟକ୍ରମ ୧୩ ରୁ ଆରମ୍ଭ ହୋଇ ୧୫ ପର୍ଯ୍ୟନ୍ତ ଜିଲା ପରିକ୍ରମା କରିବ।

ଏହି ଜାଗରଣ ଯାତ୍ରାରେ ୫୦ରୁ ଊର୍ଦ୍ଧ୍ୱ ସଂସ୍କୃତି ସୈନିକଙ୍କ ସହିତ ମହାରାଜା ଶ୍ରୀରାମ ଚନ୍ଦ୍ର ଜ୍ୟୋତିରଥ ୩ଦିନ ଧରି ସମଗ୍ର ଜିଲା ପରିକ୍ରମା କରି ମୟୂରଭଞ୍ଜର କଳା ସଂସ୍କୃତି, ଐତିହ୍ୟର ପ୍ରଚାର ପ୍ରସାର ସହ ଜିଲାରେ ଭାଇଚାରାର ପରମ୍ପରାକୁ ସୁଦୃଢ଼ କରିବ। ପ୍ରଥମ ଦିନ ସକାଳ ୮ଟାରେ ବାରିପଦା ଜଗନ୍ନାଥ ମନ୍ଦିର ନିକଟରୁ ଏହି ଯାତ୍ରା ଛଉ, ଝୁମର, କଲସୀନାଚ, ସଂକୀର୍ତ୍ତନ, ଓଡ଼ିଶୀ ଆଦି କଳାକାର ମାନଙ୍କର ଏକ ବିଶାଳ ସାଂସ୍କୃତିକ ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ରଙ୍କ ପ୍ରତିମୂର୍ତ୍ତି ସ୍ଥଳକୁ ଆସିବ। ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଜାଗରଣ ଯାତ୍ରା ଏବଂ ଜ୍ୟୋତିରଥ କୁଳିଅଣା, କଳାବାଡ଼ିଆ, ଝାରପୋଖରିଆ, ସାରସକଣା, ବାଙ୍ଗିରିପୋଷି, ବିଶୋଇ, ବିଜାତଳା, ରାଇରଙ୍ଗପୁର, ବହଳଦା ହୋଇ ଦୁଦ୍ଧୁ ପର୍ଯ୍ୟନ୍ତ ଯିବ। ସେହିପରି ୧୪ ତାରିଖ ଦ୍ୱିତୀୟ ଦିନ ଦୁଦ୍ଧୁରୁ ବାହାରି ଜାମଦା, ଗଡ ରାଇରଙ୍ଗପୁର, ଭାଲୁବସା, ଯଶିପୁର, ଖିଚିଂ, କରଞ୍ଜିଆ, କଳାକାଦ, ଠାକୁରମୁଣ୍ଡା, ଚମ୍ପାଝର, ଶରତ, କପ୍ତିପଦା ହୋଇ ଉଦଳାରେ ପହଞ୍ଚିବ ଏବଂ ୧୫ତାରିଖରେ ଉଦଳାରୁ ବାହାରି ଶୋଭାଯାତ୍ରା ଖୁଣ୍ଟା, ହରିପୁର ଗଡ଼, ବଡ଼ସାହି, ମାଣତ୍ରୀ, ପାଟୁଳିପୁରା, ବୈଶିଙ୍ଗା, ବେତନଟି, ଚିତ୍ରଡ଼ା, ମୋରଡ଼ା, ବାଘଡ଼ା, କୋଷ୍ଟା, ଶୁଳିଆପଦା, ଦେଉଳି ହୋଇ ବାରିପଦା ବାଲେଶ୍ୱର ଗୋଲେଇରେ ପହଞ୍ଚିବା ପରେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଛଉ ପଡ଼ିଆ ନିକଟରେ ଜାଗରଣ ଯାତ୍ରା ଉଦ୍‌ଯାପିତ ହେବ ବୋଲି ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

## ସଂକ୍ଷେପରେ

### ଦୁଇଟି ସ୍ଥାନରୁ ଚୋରି ଉଦ୍ୟମ

ସୋର, ୧୦।୩(ଜନ୍ମେଜୟ ମିଶ୍ର)

ସୋର ପୌରପାଳିକାରେ ଦୁଇଟି ସ୍ଥାନରେ ଚୋରି ଉଦ୍ୟମ ହୋଇଥିବା ଜଣାପଡ଼ିଛି। ସୋର ପୌରପାଳିକା ଅଧୀନ ଉପଡ଼ାକଘର ଓ ରାଧାନାଥ ଉଚ୍ଚ ବିଦ୍ୟାପୀଠରୁ ଚୋରି ଉଦ୍ୟମ କରାଯାଇଥିବା ବେଳେ କୌଣସି ସାମଗ୍ରୀ ଚୋରି ହୋଇ ନ ଥିବା ଜଣାପଡିଛି। ମଙ୍ଗଳବାର ସକାଳେ ରାଧାନାଥ ହାଇସ୍କୁଲ ଖୋଲିବା ସମୟରେ ଗେଟ ତାଲା ଭଙ୍ଗାଯିବା ସହିତ ବିଦ୍ୟାଳୟରେ ଚୋରି ହୋଇଥିବା ନେଇ ସୋର ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ସ୍କୁଲରେ ପହଞ୍ଚି ତଦନ୍ତ କରିବା ପରେ କୌଣସି ସାମଗ୍ରୀ ଚୋରି ହୋଇ ନ ଥିବା ଜାଣିବାକୁ ପାଇଥିଲେ। ସେହିପରି ସୋର ଡାକଘର ଖୋଲିବା ସମୟରେ ତାଲା ଭଙ୍ଗାଯାଇଥିବା ଦେଖି ସୋର ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ତଦନ୍ତ କରିବା ସମୟରେ କୌଣସି ସାମଗ୍ରୀ ଚୋରି ହୋଇ ନ ଥିବା ବେଳେ କେବଳ ଚୋରି ଉଦ୍ୟମ କରି ଚୋରମାନେ ବିଫଳ ହୋଇଥିବା ଜାଣିବାକୁ ପାଇଥିଲେ। ଡାକଘର ସିସିଟିଭି ଲାଗି ନ ଥିବାରୁ ସ୍ଥାନୀୟ ଅଞ୍ଚଳର ସିସିଟିଭି ଫୁଟେଜକୁ ନେଇ ପୋଲିସ ତଦନ୍ତ କରିଛି।

### ନାଗରିକ ମଞ୍ଚର ଗଣଧାରଣା ଜାରି

#### ରେଳ ଅଧିକାରୀଙ୍କ ସହ ଆଲୋଚନା ବିଫଳ

ସୋର, ୧୦।୩ (ଜନ୍ମେଜୟ ମିଶ୍ର)

ଦକ୍ଷିଣ-ପୂର୍ବ ରେଳ ବିଭାଗ ଅଧିକାରୀଙ୍କ ସୋର ରେଳଷ୍ଟେଶନ ପ୍ରତି ଚରମ ଅବହେଳା ପ୍ରତିବାଦରେ ସୋର ନାଗରିକ ମଞ୍ଚର ଧାରଣା ଦ୍ୱିତୀୟ ଦିନରେ ପହଞ୍ଚିଛି। ଏହି ଧାରଣାରେ ସୋର ଅଞ୍ଚଳର ବରିଷ୍ଠ ନାଗରିକମାନେ ସକାଳ ୭ଟାରୁ ରେଳ ଷ୍ଟେଶନ ସମ୍ମୁଖ ଧାରଣାସ୍ଥଳରେ ବସିଛନ୍ତି। ମଞ୍ଚର ଦାବିପତ୍ରକୁ ସମର୍ଥନ ଜଣାଇ ଜାତୀୟ କଂଗ୍ରେସ ସୋର ଅଞ୍ଚଳ କମିଟିର ବରିଷ୍ଠ ସଦସ୍ୟ ଶ୍ରୀକାନ୍ତ ଜେନା ସମେତ ସୋର ଅଞ୍ଚଳର ବହୁ ବୁଦ୍ଧିଜୀବୀ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ମଙ୍ଗଳବାର ଖଡ୍ଗପୁର ଡିଭିଜନର ଅନ୍ୟତମ ବାଣିଜ୍ୟ ପରିଦର୍ଶକ ସାହାବୁଦ୍ଦିନ ସାହା ଓ ଷ୍ଟେଶନ ମ୍ୟାନେଜର ବିଜୟକେତନ ମହାଲିକ ଧାରଣାରତ ଆନ୍ଦୋଳନକାରୀମାନଙ୍କ ସହ ଆଲୋଚନା କରିଥିଲେ। ହେଲେ ଆଲୋଚନା ବିଫଳ ହୋଇଛି ବୋଲି ସଭାପତି ନେତ୍ରାନନ୍ଦ ରାଉତ ସୂଚନା ଦେଇଛନ୍ତି। ବୁଧବାର ଧାରଣା ବଳବତର ରହିବ ବୋଲି ପ୍ରକାଶ କରିଛନ୍ତି। ଏହି ଗଣ ଧାରଣାରେ ଡକ୍ଟର ନରହରି ନାୟକ, ଦାମୋଦର ଦାଶ ମହାପାତ୍ର, ଗଙ୍ଗାଧର ପାଢ଼ୀ,ସମ୍ପାଦକ ଉଦ୍ଧବ ଚରଣ ବିଶ୍ୱାଳ,ମାୟାଧର ନାୟକ, ପ୍ରଦୀପ କୁମାର ଦାଶ, ମନୋଜ କୁମାର ରାୟ, ପଞ୍ଚାନନ ଶିଅଳ, ନିତ୍ୟାନନ୍ଦ କର ପ୍ରମୁଖ ସାମିଲ ହୋଇଥିଲେ।

### ନୂତନ ଆଇଆଇସି, ଏସ୍ଆଇଙ୍କ ଦାୟିତ୍ୱ ଗ୍ରହଣ



ଆଇଆଇସି ଓ ଏସଆଇ।

ଖଇରା, ୧୦।୩(ଉତ୍କଳବନ୍ଧୁ ପଣ୍ଡା)

ଗତ ୫ମାସ ଧରି ଖଇରା ଥାନାରେ ଆଇଆଇସି ପଦବୀ ଖାଲି ରହିଥିବା ବେଳେ ନୂତନ ଆଇଆଇସି ଭାବେ ଜନ ପଟ୍ଟନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି। ତିର୍ତ୍ତୋଲ ନିବାସୀ ପଟ୍ଟନାୟକ ଏହା ପୂର୍ବରୁ କେନ୍ଦୁଝର ଜିଲା ନୟାକୋର୍ଟ ଥାନାର ଆଇଆଇସି ଭାବେ ଅବସ୍ଥାପିତ ଥିଲେ। ସେହିଭଳି ଖାଲି ପଡିଥିବା ଏସ୍ଆଇ ପଦବୀ ମଧ୍ୟ ପୂରଣ ଖଇରାବାସୀଙ୍କ ପାଇଁ ଖୁସିର ବାର୍ତ୍ତା ଦେଇଛି। ବାଲେଶ୍ୱର ଟାଉନ ଥାନାର କାର୍ଯ୍ୟରତ ଏସ୍ଆଇ ଅନିତା ମଙ୍ଗରାଜ ଖଇରା ଥାନାରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆବଶ୍ୟକ କର୍ମଚାରୀ ଅଭାବ ଯୋଗୁ ଖଇରାରେ ଗତ କିଛି ମାସ ହେଲା ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଥିଲା

# ନଦୀରୁ ଭେଳା ଦ୍ୱାରା ଲୁଟ୍ ହେଉଛି ବାଲି

ବାଲେଶ୍ୱର, ୧୦।୩(ମୃତ୍ୟୁଞ୍ଜୟ ପଟ୍ଟନାୟକ)

ବାଲେଶ୍ୱର ଜିଲା ରେମୁଣା ତହସିଲ ଅଧୀନ ଦୁର୍ଗାଦେବୀ ପଞ୍ଚାୟତ ହାତିଆଗଣ୍ଡ ପୋଲଠାରେ ସୋନ ନଦୀରୁ ଏକାଧିକ ଭେଳା ଦ୍ୱାରା ବାଲି ଉଠାଇ ନିଆଯାଉଛି। ନଦୀର ଦକ୍ଷିଣ ଓ ଉତ୍ତର ପାର୍ଶ୍ୱରେ ଥିବା ବାଲି ଚଡାଗୁଡିକରୁ ପ୍ଲାଷ୍ଟିକ ଡ୍ରମରେ ତିଆରି ଭେଳା ଦ୍ୱାରା ଟ୍ରକ ଟ୍ରକ ବାଲି ଉଠାଯାଉଛି। ବାଲି ଚୋରାଚାଲାଣକାରୀମାନେ ସ୍ଥାନୀୟ ଲୋକଙ୍କୁ ହାତ କରି ଭେଳା ଦ୍ୱାରା ନଦୀ ଗର୍ଭରେ ଥିବା ବାଲିଚଡ଼ା ପାଖକୁ ଯାଇ ବାଲି ଉଠାଇ ଆଣି ନଦୀଆଡ଼ିରେ ଗଚ୍ଛିତ ରଖୁଛନ୍ତି। ପରେ ଟ୍ରାକ୍ଟର ଦ୍ୱାରା ଅନ୍ୟତ୍ର ଗୋପନୀୟ ସ୍ଥାନରେ ବାଲିକୁ ବୋହି ନେଉଛନ୍ତି। ରାସ୍ତାରେ ଯାଉଥିବା ଚୋରା ବାଲି ଟ୍ରକଗୁଡ଼ିକୁ ପୋଲିସ ପ୍ରଶାସନ ଜବତ କରୁଛି। ହେଲେ ଜିଲାରେ ପ୍ରବାହିତ ନଦୀ ଗର୍ଭରୁ ଦୈନନ୍ଦିନ ଉଠାଇ ନିଆଯାଉଥିବା ଟ୍ରକ ଟ୍ରକ ବାଲି ଚୋରିକୁ ଜିଲା ପ୍ରଶାସନ କି ଖଣି ବିଭାଗ ରୋକିବାରେ ବିଫଳ ହୋଇଛି।

ବାଲେଶ୍ୱର ଜିଲାରେ ପ୍ରବାହିତ ବୁଢ଼ାବଳଙ୍ଗ, ସୋନ ଓ ସୁବର୍ଣ୍ଣରେଖା



ସୋନ ନଦୀରୁ ଭେଳାରେ ବାଲି ଉଠାଯାଉଛି।

ଆଦି ନଦୀଗର୍ଭରେ ଦିନକୁ ଦିନ ବାଲିସ୍ତର ହ୍ରାସ ପାଉଛି। ଏହି ନଦୀଗୁଡିକରେ ଥିବା ୩୫ରୁ ଊର୍ଦ୍ଧ୍ୱ ବାଲି ସଇରାତକୁ ସରକାର ଲିଜ୍ ଦେଇନାହାନ୍ତି। ପୁଣି ବାଲି ଉତ୍ତୋଳନ ଉପରେ ସରକାରୀ କଟକଣା ମଧ୍ୟ ଜାରି କରାଯାଇଛି। ହେଲେ ବାଲିଚୋରାଚାଲାଣକାରୀମାନେ ସରକାରୀ କଟକଣାକୁ ବେଖାତିର କରି ଦୈନନ୍ଦିନ ନଦୀ ଗର୍ଭରୁ ବାଲି ଉଠାଇ ନେଉଛନ୍ତି। ନଦୀ ଗର୍ଭରୁ ଦୈନନ୍ଦିନ ଟ୍ରକ ଟ୍ରକ ବାଲି ଉଠାଇ ନେଉଥିବା ବାଲି ଚୋରାଚାଲାଣକାରୀଙ୍କ ବିରୋଧରେ ଜିଲା ପୋଲିସ, ଖଣି ଓ ରାଜସ୍ୱ ବିଭାଗ ପକ୍ଷରୁ ସେଭଳି କିଛି ଦୃଢ ପଦକ୍ଷେପ ନିଆଯାଉନାହିଁ। ଏ ବାବଦରେ ରେମୁଣା ବାଲିଗହୀର ଅଞ୍ଚଳର ସଚେତନ ନାଗରିକ ଅଭୟ କୁମାର ସାମଲ କହିଛନ୍ତି, ଗୋଟିଏ ପଟେ ସରକାର ବାଲି ସଇରାତଗୁଡ଼ିକ ନିଲାମ ନ ଦେଇ ରାଜସ୍ୱହାନି କରୁଛନ୍ତି, ଅପରପଟେ ପ୍ରତିଦିନ ନଦୀରୁ ବାଲି ଉଠାଇ ନେଉଥିବା ଚୋରାଚାଲାଣକାରୀଙ୍କ ବିରୋଧରେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। କେବଳ ଲୋକ ଦେଖାଣିଆ କାଁ-ଭାଁ ଚଢାଉ କରାଯାଉଛି। ବର୍ତ୍ତମାନ ଜିଲାରେ ଘରୋଇ ଓ ସରକାରୀ ସ୍ତରରେ ଚାଲିଥିବା ନିର୍ମାଣ କାର୍ଯ୍ୟ ପାଇଁ ବାଲି ମିଳୁନି। ଯଦି କେହି ନିଜ ଘର ତିଆରି କରିବା ଲାଗି ବାଲି ଆବଶ୍ୟକ କରୁଛି, ତା' ହେଲେ ସେମାନେ ଚୋରାରେ ଅଧିକ ମୂଲ୍ୟରେ ବାଲି କିଣି ଘର ତିଆରି କରୁଛନ୍ତି । ତେଣୁ ବାଲି ଚୋରଚାଲାଣକାରୀଙ୍କ ଉତ୍ପାତ ବଢିବା ସ୍ୱାଭାବିକ ବୋଲି ସେ କହିଛନ୍ତି। ତେବେ ଜିଲା ଖଣି ବିଭାଗର କନିଷ୍ଠ ଖଣି ଅଧିକାରୀ ପର୍ଶୁରାମ ଜେନା କହିଛନ୍ତି, ନଦୀଗୁଡିକରେ ଥିବା ବାଲି ସଇରାତଗୁଡିକ ଉପରେ ପ୍ରଶାସନର ନଜର ରହିଛି। ଯେଉଁଠି ବାଲି ଚୋରି ହେଉଛି, ତୁରନ୍ତ ନିକଟସ୍ଥ ଥାନା ପୋଲିସ, ତହସିଲଦାର କିମ୍ବା ଖଣିବିଭାଗ ଅଧିକାରୀଙ୍କୁ ଜନସାଧାରଣଙ୍କ ତରଫରୁ ସୂଚନା ଦିଆଗଲେ ନିଶ୍ଚିତ ତ୍ୱରିତ ପଦକ୍ଷେପ ନିଆଯିବ।

## ଭୂମିଜ ଜନଜାତିଙ୍କ 'ଦିଶୁମ୍ ବାଆ ବଙ୍ଗା ପରବ୍'



ପାରମ୍ପରିକ ନୃତ୍ୟ ପରିବେଷଣ।

ନୀଳଗିରି, ୧୦।୩(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ବ୍ଲକ ମହିଷାପଟା ପଞ୍ଚାୟତ ଅଧୀନ ଡମ୍ବରୁଘାଟିଠାରେ ମଙ୍ଗଳବାର ଭୂମିଜ ଆଦିବାସୀମାନେ ସେମାନଙ୍କର ପାରମ୍ପରିକ 'ଦିଶୁମ୍ ବାଆ ବଙ୍ଗା ପରବ୍' ସ୍ୱର୍ଣ୍ଣଚୂଡ଼ ପାହାଡ଼ର ପାଦଦେଶରେ ଏକ ପ୍ରାକୃତିକ ମନୋରମ ପରିବେଶରେ ଅନୁଷ୍ଠିତ ହୋଇଛି।

ବାଆ ବଙ୍ଗା କମିଟିର ସମ୍ପାଦିକା ସୁବାସିନୀ ସିଂ କହିଛନ୍ତି, ବସନ୍ତ ଋତୁର ଆଗମନରେ ଯେତେବେଳେ ପ୍ରକୃତିରେ ନୂଆ ପତ୍ର, ଫୁଲ ଫଳ ଆସେ ସେତେବେଳେ ଭୂମିଜ ଆଦିବାସୀମାନେ ଏହି ପର୍ବ ଗ୍ରାମର ପୁରୁଷ ଓ ମହିଳାମାନେ ଏକାଠି ହୋଇ ସେମାନଙ୍କ ପାରମ୍ପରିକ ନୃତ୍ୟ, ସଙ୍ଗୀତ ଓ ମାଦଳର ତାଳେ ତାଳେ ଜଙ୍ଗଲକୁ ଯାଇ ଶାଳଫୁଲକୁ ଜଙ୍ଗଲର ରାଜା ଭାବେ ପୂଜାର୍ଚ୍ଚନା କରି ତାଙ୍କ ମାଧ୍ୟମରେ ଜଙ୍ଗଲର ସମସ୍ତ ଦେବାଦେବୀଙ୍କୁ ଆହ୍ୱାନ କରି ପୂଜା ମଣ୍ଡପକୁ ଆଣି ମିଳିମିଶି ପ୍ରାର୍ଥନା କରନ୍ତି। ସେମାନେ ପ୍ରାର୍ଥନା ମାଧ୍ୟମରେ ପ୍ରକୃତିର ବରଦାନ ନିମନ୍ତେ ଧନ୍ୟବାଦ ଅର୍ପଣ କରିବା ସହିତ ଗ୍ରାମବାସୀ, ଗୃହପାଳିତ ପ୍ରାଣୀମାନଙ୍କୁ ସୁରକ୍ଷା ଦେବା ସହିତ ନିରାମୟ ରଖିବା ନିମନ୍ତେ ଗୁହାରି କରିଥାନ୍ତି। ଏହି କାର୍ଯ୍ୟକ୍ରମକୁ ବଣ ଧୂଳିର ଫୁଲର ଅଧକ୍ଷ ଓ ସଦସ୍ୟମାନେ ସହଯୋଗ କରିଥିବା ବେଳେ ବାଆ ବଙ୍ଗା କମିଟିର ସଭାପତି ପରମାନନ୍ଦ ସିଂ, ସମ୍ପାଦିକା ସୁବାସିନୀ ସିଂ, ହରିହର ସିଂ, ଗୁଡୁରା ସିଂ, ଡୁମା ସିଂ, ରାମଚନ୍ଦ୍ର ସିଂ, ଶ୍ରୀମତୀ ସିଂ, ସୋମା ସିଂ, ଗୁରୁବାରୀ ସିଂ ସମେତ ଅନେକ ସଦସ୍ୟ ସହଯୋଗ କରିଛନ୍ତି।

## ଜିଲାସ୍ତରୀୟ ସୂଚନା ଅଧିକାର ଅଧିନିୟମ କର୍ମଶାଳା




ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ବାଲେଶ୍ୱର, ୧୦।୩(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ମଙ୍ଗଳବାର ସୂଚନା ଅଧିକାର ଅଧିନିୟମ -୨୦୦୫ ସମ୍ପର୍କିତ ଜିଲାସ୍ତରୀୟ କାର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କଲେଜରୁ ଆସିଥିବା ଛାତ୍ରୀଛାତ୍ରଙ୍କ ଦ୍ୱାରା ସୂଚନା ଅଧିକାର ଅଧିନିୟମ ସମ୍ବନ୍ଧରେ ଓଡ଼ିଆ ଓ ଇଂଲିଶରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା।

ଆୟୋଜିତ ସାଧାରଣ ସଭାରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ ଅଧକ୍ଷତା କରି ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ସୁଧାକର ନାଏକ ଯୋଗଦେଇ ସୂଚନା ଅଧିକାର ଅଧିନିୟମର ଉଦ୍ଦେଶ୍ୟ, ଉପକାରିତା ଓ ଅପବ୍ୟବହାର ସମ୍ବନ୍ଧରେ ଆଲୋକପାତ କରିଥିଲେ। ମାଷ୍ଟର ଟ୍ରେନର ଭାବେ ଭୁବନେଶ୍ୱରରୁ ରଶ୍ମିରଞ୍ଜନ ରାଉତ, ସାମାଜିକ କର୍ମୀ ଶତ୍ରୁଘ୍ନ ମଲ୍ଲିକ, ବିଶିଷ୍ଟ କବି ପ୍ରଶାନ୍ତ ଦାସ ପ୍ରମୁଖ ମଞ୍ଚାସୀନ ହୋଇ ଅଧିନିୟମ ସମ୍ବନ୍ଧରେ ତାଲିମ ପ୍ରଦାନ କରିଥିଲେ। ଏହି କର୍ମଶାଳାରେ ୧୧୯ ଜଣ ଏଫ୍ଏଏ, ପିଆଇଓ ଏବଂ ଏପିଆଇଓ ଅଧିକାରୀ ଉପସ୍ଥିତ ଥିଲେ। ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ଆର୍ଥିକ ରାଶି ପ୍ରଦାନ ପୂର୍ବକ ପୁରସ୍କୃତ କରଯାଇଥିଲା। ବାଲେଶ୍ୱର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କଅଧିକାରୀ ବୁଦ୍ଧାନ ହେମ୍ବ୍ରମ ଧନ୍ୟବାଦ ଦେଇଥିଲେ।

## ଚକ୍ଷୁଦାନ କରି ଅମର ହେଲେ ଅଜୟ

ନୀଳଗିରି, ୧୦।୩(ପ୍ରଶାନ୍ତ ବିଶ୍ୱାଳ): ନୀଳଗିରି ସହରର ପୁସ୍ତକ ବ୍ୟବସାୟୀ ଅଜୟ କୁମାର ପାତ୍ର(୫୨)ଙ୍କର ଏକ ଦୁର୍ଘଟଣାରେ ଗତ ୮ତାରିଖ ରାତିରେ ମୃତ୍ୟୁ ହୋଇଥିଲା। ଗତ ସୋମବାର ବାଲେଶ୍ୱର ସଦର ହସ୍ପିଟାଲରେ ଅଜୟଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ରାତିରେ ପୁରୀ ସ୍ୱର୍ଗଦ୍ୱାର ନେଇ ସତ୍କାର କରାଯାଇଛି। ମୃତ ଅଜୟଙ୍କର ବଡ ଭାଇ ବିଶିଷ୍ଟ ବାମପନ୍ଥୀ ଶ୍ରମିକ ନେତା ତଥା ଜିଲା ରକ୍ତଦାତା ସଂଘ ଓ ନୀଳଗିରି ଉପଖଣ୍ଡ ରକ୍ତଦାତା ସଂଘର ବରିଷ୍ଠ କର୍ମକର୍ତ୍ତା ବିଜୟ କୁମାର ପାତ୍ର, ପରିବାରର ସ୍ତ୍ରୀ, ପୁତ୍ର ତଥା ସଦସ୍ୟଗଣ, ରକ୍ତଦାତା ସଂଘର ବରିଷ୍ଠ ଉପଦେଷ୍ଟା ରବି ରାଉତଙ୍କର



ଉଦ୍ୟମକ୍ରମେ ଅଜୟଙ୍କର ଦୁଇ ଆଖି ଚକ୍ଷୁ ବ୍ୟାଙ୍କକୁ ଦାନ କରାଯାଇଛି। ମୃତ୍ୟୁ ପରେ ବି ନେତ୍ରଦାନ କରି ଅଜୟ ପାତ୍ର ୨ଜଣ ଦୃଷ୍ଟିହୀନ ବ୍ୟକ୍ତିଙ୍କୁ ଏ ଦୁନିଆର ଆଲୋକ ଦେଖିବାର ସୁଯୋଗ ପ୍ରଦାନ କରିପାରିଛନ୍ତି। ଏହି ମହତ୍ କାର୍ଯ୍ୟ ପାଇଁ ନୀଳଗିରି ଉପଖଣ୍ଡ ରକ୍ତଦାତା ସଂଘ ପକ୍ଷରୁ ଅଜୟ ପାତ୍ରଙ୍କର ପିତା ଅବସରପ୍ରାପ୍ତ ରାଜସ୍ୱ ଅଧିକାରୀ ବାଞ୍ଛାନିଧି ପାତ୍ର, ମାତା ଯମୁନାମଣି, ସହଧର୍ମିଣୀ ରଞ୍ଜିତା, ଏକମାତ୍ର ପୁତ୍ର ଉମାଶଙ୍କର, ସାନଭାଇ ଅକ୍ଷୟ, ସଞ୍ଜୟ ଓ ପରିବାର ପରିଜନଙ୍କୁ ଏହି ନେତ୍ରଦାନ ନିଷ୍ପତ୍ତି ପାଇଁ ସାଧୁବାଦ ଜ୍ଞାପନ କରାଯାଇଛି। ତାଙ୍କ ଅକାଳ ବିୟୋଗରେ ନୀଳଗିରି କଚେରୀ ବଜାରର ବଳରାମ ରାଜ ମାର୍କେଟ କମ୍ପ୍ଲେକ୍ସର ସବୁ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା।

## ଠକେଇ ଅଭିଯୋଗରେ ଯୁବକ କୋର୍ଟଚାଲାଣ

ବାଲେଶ୍ୱର, ୧୦।୩(ବାଞ୍ଛାନିଧି ଦେ)

ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଏବଂ ଯୁବତୀଙ୍କ ଭାଇଙ୍କୁ ଚାକିରି କରାଇଦେବା ଆଳରେ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ ବାଲେଶ୍ୱର ଟାଉନ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ନୀଳଗିରି ଥାନା ଅଞ୍ଚଳର ମାନସ ବିଶ୍ୱାଳ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ. ୯୪/୨୬) ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

## ଗଦାଧରଙ୍କ ପ୍ରତିମୂର୍ତ୍ତି ନିକଟରେ ୪୦ ପ୍ରଦୀପ ପ୍ରଜ୍ୱଳନ

### ଐତିହାସିକ କାଳିପଦା ଗେଟ ପ୍ରତିଷ୍ଠାର ୪୦ ବର୍ଷ ପୂର୍ତ୍ତି ଉତ୍ସବ




ବାଲିଆପାଳ, ୧୦।୩(ଗୋପାଳ ଚନ୍ଦ୍ର ସାହୁ): ବାଲିଆପାଳ ଜନ ଆନ୍ଦୋଳନର ସ୍ମାରକୀ ମଞ୍ଚ ଓ କାଳିପଦା ବଜାର କମିଟି ପକ୍ଷରୁ କଳିପଦା ବଜାର ନିକଟରେ ଥିବା ବାଲିଆପାଳ କ୍ଷେପଣାସ୍ତ୍ର ଘାଟି ଆନ୍ଦୋଳନର ମୁଖ୍ୟ ପୁରୋଧା ଗଦାଧର ଗିରିଙ୍କ ପ୍ରତିମୂର୍ତ୍ତି ନିକଟରେ କ୍ଷେପଣାସ୍ତ୍ର ଘାଟି ବିରୋଧରେ ଐତିହାସିକ କାଳିପଦା ଗେଟ ପ୍ରତିଷ୍ଠାର ୪୦ବର୍ଷ ପୂର୍ତ୍ତି ସ୍ମୃତିସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ୱର୍ଗତ ଗଦାଧର ଗିରିଙ୍କ ପ୍ରତିମୂର୍ତ୍ତି ନିକଟରେ ୪୦ଟି ପ୍ରଦୀପ ପ୍ରଜ୍ୱଳନ କରିବା ସହିତ କଙ୍କଡ଼ାପାଳଠାରୁ କୋଷ୍ଟ କେନାଲ ଦେଇ କଳିଙ୍ଗ ସାଗର ଶସ୍ୟଶ୍ୟାମଳା ଅଞ୍ଚଳକୁ ସ୍ୱତନ୍ତ୍ର ସଂରକ୍ଷିତ କୃଷି ଭିତିକ ଅଞ୍ଚଳ (ଏସ୍ଆର୍ଏଜେଡ୍) ଘୋଷଣା କରିବାକୁ ଦାବି କରିଥିଲେ। ଏହି ଅବସରରେ ବିଜୟୀ ବାଲିଆପାଳ ଜନ ଆନ୍ଦୋଳନର ସ୍ମାରକୀ ମଞ୍ଚର ଆବାହକ ଅରୁଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କାଳିପଦା ବଜାର କମିଟି ସଭାପତି ନିତ୍ୟାନନ୍ଦ ଦାସ, ବାଲିଆପାଳ ସୂଚନା ଅଧିକାର ଅଭିଯାନ ଆବାହକ ଅନୁଜ କୁମାର ମହାପାତ୍ର, ସଦସ୍ୟ ତପନ ନାୟକ ପ୍ରମୁଖ ଯୋଗ ଦେଇ ଘାଟି ଆନ୍ଦୋଳନର ସ୍ମୃତି ମନେ ପକାଇଥିଲେ।

## ମଦ ନ ପାଇବାରୁ ଉନ୍ମତ୍ତକାଣ୍ଡ

## ଘର ଆଗରେ ପୋଡ଼ିଦେଲେ ଟ୍ରାକ୍ଟର, ପାୱାରଟିଲର

ଔପଦା, ୧୦।୩(ଧରିତ୍ରୀ ପଣ୍ଡା)

ମଦ ମାଗି ନପାଇବାରୁ ବିଳମ୍ବିତ ରାତିରେ ଯୁବକ ଘଟାଇଛନ୍ତି ଉନ୍ମତ୍ତ କାଣ୍ଡ। ଘର ଭିତରେ ପଶି ଗାଳିଗୁଲଜ କରିବା ସହ ବାହାରେ ରଖାଯାଇଥିବା ଟ୍ରାକ୍ଟର ଓ ପାୱାରଟିଲରକୁ ନିଆଁ ଲଗାଇ ପୋଡ଼ିଦେଇଥିବା ଅଭିଯୋଗ ହୋଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି କମାରପାଳ ଗ୍ରାମରେ।

ସୋମବାର ବିଳମ୍ବିତ ରାତିରେ କମାରପାଳ ଗ୍ରାମର କମଳାକାନ୍ତ ବେହେରାଙ୍କ ଘରେ ଡାଳଙ୍ଗ ଗ୍ରାମର ଦେବାଶିଷ ବେହେରା ଓ ଅଲ୍ଲୀ ଏଏସ୍ ବେହେରା (ମୃଷା)ଙ୍କ ସମେତ ୩ ଜଣ ଯୁବକ ଜବରଦସ୍ତି ପଶିଥିଲେ। ସେମାନେ କମଳାକାନ୍ତଙ୍କୁ ମଦ ମାଗିଥିବା ବେଳେ ସେ ମଦ ବିକ୍ରି କରୁ ନ ଥିବା କହିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଯୁବକମାନେ ତାଙ୍କୁ ଗାଳିଗୁଲଜ କରିବା ସହ ଧମକ ଚମକ ଦେଇ ସେଠାରୁ ଚାଲିଯାଇଥିଲେ। ତେବେ ସେଠାରୁ ଯିବା ସମୟରେ ଉକ୍ତ ଯୁବକମାନେ ପଡ଼ୋଶୀଙ୍କ ଘରୁ ଦିଆସିଲି ମାଗିଥିବା ଜଣାପଡ଼ିଛି। ମଙ୍ଗଳବାର ସକାଳେ ଘର ସମ୍ମୁଖରେ ଥିବା ଟ୍ରାକ୍ଟର (ଓଡ଼ି୦୧ଏଟି-୦୬୭୫) ଏବଂ ପାୱାର ଟିଲରକୁ କେହି ଦୁର୍ବୃତ୍ତ ନିଆଁ ଲଗାଇ ଜଳାଇ ଦେଇଥିବା କମଳାକାନ୍ତ ଦେଖିବାକୁ ପାଇଥିଲେ। ରାତିରେ ଆସିଥିବା ଯୁବକମାନେ ହିଁ ପ୍ରତିଶୋଧ ପରାୟଣ ହୋଇ ଏହି କାଣ୍ଡ ଭିଆଇଥିବା ନେଇ କମଳାକାନ୍ତ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ଏଏସ୍ଆଇ ରମାକାନ୍ତ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଉକ୍ତ ଯୁବକମାନେ ଫେରାର ଥିବା ସୂଚନା ମିଳିଛି।

## ମହିଳା କଂଗ୍ରେସକୁ ଶକ୍ତିଶାଳୀ ଭାବେ ଗଢି ତୋଳିବାକୁ ଆହ୍ୱାନ

ଭୋଗରାଇ, ୧୦।୩(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀରେ ମହିଳା କଂଗ୍ରେସକୁ ଶକ୍ତିଶାଳୀ କରି ଗଢି ତୋଳିବାକୁ ଆହ୍ୱାନ ଦେଇଛନ୍ତି କଂଗ୍ରେସ ନେତୃମଣ୍ଡଳୀ। ଥାନା ଛକ କମ୍ୟୁନିଟି ହଲ୍ ପରିସରରେ ରବିବାର ମହିଳା ସମାବେଶ ଆୟୋଜନ ହୋଇଥିଲା। ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ମୀନାରାଣୀ ସୁରଙ୍କ ସଭାପତିତ୍ୱ କରିଥିଲେ। ସମାବେଶରେ ମୁଖ୍ୟଅତିଥି ଭାବେ ବାଲିଆପାଳ ପଞ୍ଚାୟତ ସମିତି ଅଧକ୍ଷା ରଞ୍ଜିତା ନାୟକ ଯୋଗଦେଇ ନାରୀ ସ୍ୱାଧୀନତା ସମ୍ପର୍କରେ ଅଭିଭାଷଣ ଦେଇଥିଲେ। ବାଲେଶ୍ୱର ଜିଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ, ନେତା ବିଜନ ନାୟକ ଅତିଥି ଭାବେ ଯୋଗ ଦେଇ ନାରୀ ନ୍ୟାୟ ଓ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ କଂଗ୍ରେସ ସଭାପତି ସନ୍ତୋଷ ଜେନା,ବରିଷ୍ଠ ନେତା ସୁଦର୍ଶନ ଜେନା, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ତଥା ପସରବିନ୍ଧା ସରପଞ୍ଚ ସୁମନ୍ତ ବେହେରା, ଜିଲା କଂଗ୍ରେସ ଉପସଭାପତି ପ୍ରଦୀପ ନାୟକ, ଗୋପବନ୍ଧୁ ମହାପାତ୍ର, ଜିଲା କଂଗ୍ରେସ ସମ୍ପାଦକ ମମତା ସାହୁ ପ୍ରମୁଖ ଉଦ୍‌ବୋଧନ ଦେଇ ଆଗାମୀ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ମହିଳା ନେତ୍ରୀ ଓ କର୍ମୀମାନେ କଂଗ୍ରେସ ପତାକା ତଳେ ଏକ ହୋଇ କଂଗ୍ରେସକୁ ଶକ୍ତିଶାଳୀ ଗଢି ତୋଳିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଭୋଗରାଇ ବ୍ଲକ ୫୦ ପଞ୍ଚାୟତରୁ ଆସିଥିବା ସମସ୍ତ ମହିଳା କଂଗ୍ରେସ ସଭାପତିଙ୍କୁ ଉପାୟନ ଓ ବୃକ୍ଷ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।



ଗଛ ଚାରା ଦେଇ ମହିଳାମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଶ୍ରୀରାମପୁର ସେବା ସମିତିରେ ଧାନକିଣାରେ ଅବ୍ୟବସ୍ଥା

### କଂଗ୍ରେସ ପକ୍ଷରୁ ଜିଲା ଯୋଗାଣ ଅଧିକାରୀଙ୍କୁ ଦାବିପତ୍ର

ବାଲେଶ୍ୱର, ୧୦।୩(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ସେବା ସମବାୟ ସମିତିରେ ଧାନକିଣାରେ ଅବ୍ୟବସ୍ଥା ଲାଗି ରହିଛି। ଜିଲା ଯୋଗାଣ ଅଧିକାରୀ ଉକ୍ତ ସମିତିରୁ ଧାନ କ୍ରୟ ପାଇଁ ମିଲର ନିଯୁକ୍ତି କରିଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ଟୋକନ୍‌ଧାରୀ ଚାଷୀ ସମିତିରେ ଧାନ ବିକ୍ରି କରିପାରୁ ନ ଥିବାରୁ ଅସନ୍ତୋଷ ଲାଗି ରହିଛି। ଏ ସମ୍ପର୍କରେ ଜିଲା କଂଗ୍ରେସର ଉପସଭାପତି ସରୋଜ କୁମାର ଲେଙ୍କାଙ୍କ ନେତୃତ୍ୱରେ ଶତାଧିକ ଚାଷୀ ମଙ୍ଗଳବାର ଜିଲା ମୁଖ୍ୟଯୋଗାଣ ଅଧିକାରୀଙ୍କୁ ସାକ୍ଷାତ କରି ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ସମସ୍ତ ପଞ୍ଜିକୃତ ଚାଷୀଙ୍କଠାରୁ ଧାନ କିଣିବା ନିମନ୍ତେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।



ଜିଲା ଯୋଗାଣ ଅଧିକାରିଣୀଙ୍କ ସହ ଆଲୋଚନା।

ଏହି ସମବାୟ ସମିତି ଅଧୀନ ରସଲପୁର ଓ ଶ୍ରୀରାମପୁର ପଞ୍ଚାୟତ ସମେତ କୁରାଡ଼ିଆ ପଞ୍ଚାୟତର ସାନଧନାଡ଼ି ଗ୍ରାମର ମୋଟ୍ ୧୧୨୫ଜଣ ପଞ୍ଜୀକୃତ ଚାଷୀଙ୍କୁ ଟୋକନ୍ ମିଳିଛି। ଅଦ୍ୟାବଧି ୭୨୬ଜଣ ଚାଷୀଙ୍କ ଧାନ ସମିତିରେ ପଡ଼ିରହିଛି। ବୁଧବାର ଧାନ ବିକ୍ରି କରିବାର ଟୋକନ ଅବଧି ରହିଛି। ମାତ୍ର ମିଲର ମାନେ ସମିତିକୁ ଟ୍ରକ୍ ପଠାଉ ନଥିବା ଚାଷୀ ମହଲରେ ଅଭିଯୋଗ ହୋଇଛି। ସମିତି ପକ୍ଷରୁ ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଗୁରୁ ପ୍ରସାଦ ମିଶ୍ର, ପୂର୍ବତନ ବିଧାୟକ ସୁଦର୍ଶନ ଯେନା, ସମିତି ସଭାପତି ସାବିତ୍ରୀ ମିଶ୍ର, ଉପସଭାପତି ମଞ୍ଜୁଲତା ପତି, ନିର୍ଦ୍ଦେଶକ ଶଙ୍କର୍ଷଣ ପ୍ରଧାନ, ମାନସ ମହାପାତ୍ର, ପ୍ରଶାନ୍ତ ଜେନା, ଶକ୍ତି ରଞ୍ଜନ ଗୋଚ୍ଛାୟତ, ଅମିତ କୁମାର ପତି, ଅରୂପାନନ୍ଦ ବଢ଼େଇ, ଆନନ୍ଦ ରାଉଳ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ। ଆସନ୍ତା ୩୦ ତାରିଖ ସୁଦ୍ଧା ସମସ୍ତ ପଞ୍ଜିକୃତ ଚାଷୀଙ୍କ ଧାନ କ୍ରୟ କରାଯିବ ବୋଲି ଜିଲା ଯୋଗାଣ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ।

# ଜମିରେ ପଡୁଛି କାରଖାନା ବର୍ଜ୍ୟବସ୍ତୁ

## ମୃତ୍ତିକା, ବାୟୁ ପ୍ରଦୂଷଣ ଆଶଙ୍କା



ଏକ ଜମିରେ ଗଦା ହୋଇଥିବା କାରଖାନାର ବର୍ଜ୍ୟବସ୍ତୁ।

କେନ୍ଦୁଝର,୧୦।୩ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହରର ବିଭିନ୍ନ ସ୍ଥାନରେ ଚାଷ ଜମିରେ କାରଖାନା ବର୍ଜ୍ୟବସ୍ତୁ ପକାଯାଉଛି। ଖର୍ଚ୍ଚ କାଟ ପାଇଁ କେତେକ କମ୍ପାନୀ କାରଖାନାରୁ ବାହାରୁଥିବା କଳାଗୁଣ୍ଡ ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁକୁ ଡମ୍ପିଂୟାର୍ଡରେ ନ ପକାଇ ବିଭିନ୍ନ ଖାଲି ସ୍ଥାନରେ ପକାଯାଉଛି। ଏପରିକି ଅସାଧୁ ବ୍ୟବସାୟୀଙ୍କୁ ବିକ୍ରି କରାଯାଉଥିବାରୁ ଜଳ, ବାୟୁ ଓ ମୃତ୍ତିକା ପ୍ରଦୂଷିତ ହେବା ଆଶଙ୍କା ପ୍ରକାଶ ପାଇଛି। ଏହାକୁ ନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନ ଥିବାରୁ ଅସନ୍ତୋଷ କୁହୁଳୁଛି।

ସୂଚନାଯୋଗ୍ୟ, ସଦର ଥାନା ନିକଟ ରେଲୱେ ଓଭରବ୍ରିଜ ନିକଟରେ ଏନ୍‌ଏଚ୍ ୨୦ କଡ ଏକ ଚାଷ ଜମିରେ କାରଖାନା ବର୍ଜ୍ୟବସ୍ତୁ ପକାଯାଇଛି। ଯାହାକୁ ନେଇ ସ୍ଥାନୀୟ ଲୋକେ ଓ ଚାଷୀ ଚିନ୍ତା ପ୍ରକଟ କରିଛନ୍ତି। କିଛି ଅସାଧୁ ବ୍ୟବସାୟୀ ନିକଟସ୍ଥ କାରଖାନାରୁ ବର୍ଜ୍ୟବସ୍ତୁ ଆଣି ଏଠାରେ ରଖିଥିବା ଅନୁମାନ କରାଯାଉଛି। ଏହି ବର୍ଜ୍ୟବସ୍ତୁ ଏତେ ମାରାତ୍ମକ ଯେ, ଏହା ଯେଉଁ ସ୍ଥାନରେ ପଡୁଛି ସେଠାରେ ମୃତ୍ତିକା ବ୍ୟବହାର ଅନୁପଯୋଗୀ ହୋଇପଡୁଛି। କିଛି ଠିକାଦାର କାରଖାନାରୁ ବର୍ଜ୍ୟବସ୍ତୁ ଆଣି ଜମିରେ ପକାଇ ସମତୁଲ କରି ପ୍ଲଟିଂ କରୁଛନ୍ତି। ପରେ ବିକ୍ରି ଲାଭବାନ ହେଉଥିବା ବେଳେ ସାଧାରଣ ଲୋକ ଏହାକୁ ନେଇ ହନ୍ତସନ୍ତ ହେଉଛନ୍ତି। ଏହାର ସୁଯୋଗ ନେଇ ସରକାରଙ୍କ କଡ଼ା ନୀତି ନିୟମ ଓ ଆଇନକୁ ଉଲ୍ଲଘଂନ କରି କାରଖାନା ମାଲିକମାନେ ବ୍ୟବସାୟୀଙ୍କୁ କମ ଦରରେ ବିକ୍ରି କରୁଥିବା ଅଭିଯୋଗ ହେଉଛି। ସଦର ଥାନାଠାରୁ ମାତ୍ର କିଛି ଦୂରରେ କଳାଗୁଣ୍ଡ ପଡିଥିବାରୁ ପୋଲିସ ଚାଷ ଜମି ମାଲିକଙ୍କୁ ଜେରା କଲେ କିଏ ଏବଂ କେଉଁ ସ୍ଥାନରୁ କାରଖାନା ବର୍ଜ୍ୟବସ୍ତୁ ଆଣି ପକାଇଛନ୍ତି ଜଣାପଡ଼ିବ ବୋଲି ଲୋକେ କହିଛନ୍ତି। ତାହା ସେଠାରୁ ନ କାଢ଼ିଲେ ବର୍ଷା ଜଳରେ କଳାଗୁଣ୍ଡ ମିଶି ବିଲିରେ ମାଡି ଯିବାର ଆଶଙ୍କା ରହିଛି। ଏଥିସହ ପବନରେ ଉଡ଼ି ବାୟୁ ପ୍ରଦୂଷଣ କରିବ। ଲୋକେ ଚର୍ମରୋଗଠାରୁ ଆରମ୍ଭ କରି ବିଭିନ୍ନ ମାରାତ୍ମକ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ପ୍ରକାଶ ପାଇଛି। ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି। ସଦର ଥାନା ଅଧିକାରୀ ଅମିତ କୁମାର ଭୂୟାଁ କହିଛନ୍ତି, ଉକ୍ତ କଳାଗୁଣ୍ଡ କିଏ ପକାଇଛି, ସେ ନେଇ ନିଜେ ଯାଇ ଦେଖି ଯାଞ୍ଚ କରିବେ।

## ୧୩ରେ ଜିଲାସ୍ତରୀୟ ନିଯୁକ୍ତି ମେଳା

କେନ୍ଦୁଝର,୧୦।୩ (ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ଓଡ଼ିଶା ଖଣି ଓ ଯାନ୍ତ୍ରିକ ବିଦ୍ୟାଳୟ ପଡ଼ିଆରେ ଆସନ୍ତା ୧୩ ତାରିଖରେ ଜିଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହେବ। ସକାଳ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମେଳା ଅନୁଷ୍ଠିତ ହେବ। ଶିଳ୍ପ, ଖଣି, ବ୍ୟାଙ୍କିଂ, ରିଟେଲ, ସ୍ୱାସ୍ଥ୍ୟସେବା ଏବଂ ଅନ୍ୟାନ୍ୟ ସମ୍ପର୍କିତ କ୍ଷେତ୍ରର ବିଭିନ୍ନ ପ୍ରତିଷ୍ଠିତ ନିଯୁକ୍ତିଦାତା ଏଥିରେ ଯୋଗଦେଇ ଯୋଗ୍ୟ ପ୍ରାର୍ଥୀଙ୍କୁ ନିଯୁକ୍ତି ପ୍ରଦାନ କରିବେ। ୧୮ରୁ ୩୫ବର୍ଷ ବୟସର ନିଯୁକ୍ତି ଆଶାୟୀ ମେଳାରେ ଯୋଗଦେଇ ନିୟୋଜକଙ୍କ ସହ ଆଲୋଚନା କରି ଉପଯୁକ୍ତ ଚାକିରି ସୁଯୋଗ ଲାଭ କରିପାରିବେ। ଯୋଗଦାନ କରିବାକୁ ଇଚ୍ଛୁକ ପ୍ରାର୍ଥୀ ନିଜର ବାୟୋଡାଟା, ସମସ୍ତ ଶିକ୍ଷାଗତ ପ୍ରମାଣପତ୍ର, ଆଧାର କାର୍ଡ ଏବଂ ପାସ୍‌ପୋର୍ଟ ସାଇଜ ଫଟୋଗ୍ରାଫ ସହ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଛି। ଆଶାୟୀମାନେ ନିୟୋଜକଙ୍କ ସହ ସିଧାସଳଖ ଆଲୋଚନା ଓ ସାକ୍ଷାତକାର ମାଧ୍ୟମରେ ଚୟନ ହୋଇପାରିବେ। ବହୁସଂଖ୍ୟାରେ ଯୁବତୀ, ଯୁବକ ଯୋଗଦେଇ ସୁଯୋଗର ସଦୁପଯୋଗ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଆହ୍ୱାନ ଦିଆଯାଇଛି।




କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଲିଫ୍ଟ ଏକ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ହେଲା ଅଚଳ ହୋଇପଡ଼ିଛି। ମରାମତି କରା ନ ଯାଇ ଆଗରେ ଚେୟାର ରଖି ଦିଆଯାଇଛି।

## ତହସିଲ କାର୍ଯ୍ୟାଳୟର ୩ କର୍ମଚାରୀ ନିଲମ୍ବିତ

### ସରକାରୀ କାର୍ଯ୍ୟରେ ଅବହେଳା

ଢେଙ୍କିକୋଟ:୧୦।୩(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଆଦିବାସୀ ଅଧୁଷିତ ଘଟଗାଁ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ୩ କର୍ମଚାରୀଙ୍କୁ କାର୍ଯ୍ୟରେ ଅବହେଳା ନେଇ ଜିଲାପାଳ ନିଲମ୍ବିତ କରିଛନ୍ତି। କର୍ମଚାରୀମାନେ ତହସିଲ କାର୍ଯ୍ୟାଳୟକୁ ଆସିଥିବା ଆଦିବାସୀ ଜନସାଧାରଣଙ୍କୁ ହଇରାଣ କରୁଥିଲେ। ଏ ବିଷୟରେ ଜନସାଧାରଣ ରବିବାର ଘଟଗାଁ ମା' ତାରିଣୀଙ୍କ ଦର୍ଶନ ପାଇଁ ଆସିଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ସାକ୍ଷାତ କରି ଅଭିଯୋଗ କରିଥିଲେ।

ଅଭିଯୋଗ ମୁତାବକ, ଘଟଗାଁ ଜନସାଧାରଣ ତହସିଲଦାର କାର୍ଯ୍ୟାଳୟର ରେକର୍ଡ କିପର ବରିଷ୍ଠ କିରାଣୀ ଜ୍ୟୋର୍ତିମୟୀ ସାହୁ, ଅମିନ ଲୋଚନ ସାମଲ, ଆରଆଇ ଲତିଫ ସିଂ ଲାଗୁରି ବିଭିନ୍ନ ସମୟରେ ଲୋକଙ୍କୁ ଜାଣିଶୁଣି ହଇରାଣ କରୁଥିଲେ। ଜନସାଧାରଣଙ୍କ ଲିଖିତ ଅଭିଯୋଗ ପରେ ରାଜସ୍ୱ ମନ୍ତ୍ରୀ ତୁରନ୍ତ ଜିଲାପାଳ ବିଶାଲ ସିଂଙ୍କୁ ଅଭିଯୋଗ ସମ୍ବନ୍ଧରେ ଜଣାଇଥିଲେ। ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଆଦେଶ ଦେଇଥିଲେ। ମନ୍ତ୍ରୀଙ୍କ ଆଦେଶ ମୁତାବକ ଜିଲାପାଳ ଘଟଗାଁ ତହସିଲଦାର ଚାରୁଲତା ସିଂଙ୍କ ସହ ଆଲୋଚନା କରି ରିପୋର୍ଟ ମାଗିଥିଲେ। ୩ କର୍ମଚାରୀ କାର୍ଯ୍ୟାଳୟରେ ବିଶୃଙ୍ଖଳା ସୃଷ୍ଟି କରିବା ସହ କାର୍ଯ୍ୟରେ ଅବହେଳା କରୁଥିବା ନେଇ ତହସିଲଦାର ଚାରୁଲତା ସିଂ ଜିଲାପାଳଙ୍କୁ ଲିଖିତ ଜଣାଇଥିଲେ। ଏପରିକି କର୍ମଚାରୀମାନେ ମଦ୍ୟପାନ କରି କାର୍ଯ୍ୟାଳୟକୁ ଆସୁଥିବା ମଧ୍ୟ ପ୍ରମାଣିତ ହୋଇଥିଲା। ପୂର୍ବାହ୍ନ ୧୧ଟା ପୂର୍ବରୁ କାର୍ଯ୍ୟାଳୟକୁ ଆସୁ ନ ଥିଲେ। ସମସ୍ତ ତଥ୍ୟକୁ ତଦନ୍ତ କରି ଜିଲାପାଳ ସୋମବାର ସନ୍ଧ୍ୟାରେ ଉପରୋକ୍ତ ୩ କର୍ମଚାରୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିବା ଘଟଗାଁ ତହସିଲଦାର ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ବିଶାଲ ସିଂ କହିଛନ୍ତି, କାର୍ଯ୍ୟରେ ଅବହେଳା, ଜନସାଧାରଣଙ୍କୁ ହଇରାଣ କରିବା ଅଭିଯୋଗରେ ୩ଜଣଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି।

## ଠାକୁରାଣୀ ଖଣି ହାତେଇଲା ଜିନ୍ଦଲ ଷ୍ଟିଲ୍

ଯୋଡା,୧୦।୩(ମାନସ ମହାନ୍ତି)

କେନ୍ଦୁଝର ଜିଲାର ଏକ ବୃହତ ଖଣି ଠାକୁରାଣୀ ଏ ୧ ବ୍ଲକ୍‌କୁ ଜିନ୍ଦଲ ଷ୍ଟିଲ ଲିମିଟେଡ୍ କମ୍ପାନୀ ନିଲାମ ପ୍ରକ୍ରିୟାରେ ହାତେଇ ନେଇଛି। ଏହି ଖଣିଟିକୁ ସର୍ବାଧିକ ୧୦୧.୨୦ ପଇସା ପ୍ରିମିୟମ ଡାକ ଦେଇ ନିଲାମ ପ୍ରକ୍ରିୟାରେ ହାତେଇଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଖଣିଟି ୨୦୨.୭୮ ହେକ୍ଟର ପରିମିତ ହୋଇଥିବା ବେଳେ ୫୦. ୫୩୨ ମିଲିୟନ ମେଟ୍ରିକ୍ ଟନ୍ ଲୁହାପଥର ଏଥିରେ ଗଚ୍ଛିତ ରହିଛି। ଯାହାର କି ଲୌହାଂଶ ସର୍ବନିମ୍ନ ଶତକଡ଼ା ୪୦ରୁ ସର୍ବାଧିକ ଶତକଡ଼ା ୬୦ରୁ ୬୧ ରହିଛି। ପ୍ରକାଶଯୋଗ୍ୟ, ଯୋଡ଼ା ଖଣି ମଣ୍ଡଳରେ ୨୦୨୦ ଠାରୁ ଏଯାବତ୍ ୧୨ ଗୋଟି ଖଣିର ନିଲାମ ହୋଇଛି। ସେଥି ମଧ୍ୟରୁ ୨ଟି ବୃହତ୍ ଖଣି ଲିଜ୍ ଚଳାଇବାରେ ଲିଜ୍‌ଧାରୀ ଅକ୍ଷମତା ଦେଖାଇଛନ୍ତି। ଫଳରେ ବର୍ଷକୁ ଏକ ହଜାର କୋଟି ଟଙ୍କା ସରକାର ରାଜସ୍ୱ ହରାଉଛନ୍ତି ବୋଲି ଖଣି ବିଶାରଦମାନେ ମତ ପ୍ରକାଶ କରିଛନ୍ତି।

## ମୃତ୍ତିକା ସ୍ୱାସ୍ଥ୍ୟ, ଉର୍ବରତା ପରିଚାଳନା ତାଲିମ୍



ମୃତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷା ତାଲିମ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର।

ଚମ୍ପୁଆ,୧୦।୩(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ସଦର ମହକୁମାର ରାମଲାଠାରେ ଥିବା ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟରେ ମୃତ୍ତିକା ସ୍ୱାସ୍ଥ୍ୟ ଓ ମୃତ୍ତିକା ଉର୍ବରତା ପରିଚାଳନା ତାଲିମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ଚମ୍ପୁଆ ବ୍ଲକ୍ କୃଷି ବିଭାଗ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଷ୍ଟମ ଓ ନବମ ଶ୍ରେଣୀର ପ୍ରାୟ ୭୦ ଜଣ ଯୋଗଦେଇଥିଲେ। ଏପରିକି ମୃତ୍ତିକା ପରୀକ୍ଷା କିପରି କରାଯାଇପାରିବ ସେ ନେଇ ପ୍ରଦର୍ଶନ ମଧ୍ୟ କରାଯାଇଥିଲା। କୃଷି ଜିଲା ଅଧିକାରୀ ବିଶ୍ୱଜୟୀ ମିଶ୍ର, ବ୍ଲକ୍ କୃଷି ଅଧିକାରୀ ସାରଦା ହାଁସଦା, ସହକାରୀ କୃଷି ଅଧିକାରୀ ରମାମଣୀ ସାହୁ ଓ ପ୍ରଦ୍ୟୁମ୍ନ କର ପ୍ରମୁଖ ଯୋଗଦେଇ ମୃତ୍ତିକା ପରୀକ୍ଷା କାହିଁକି କରାଯାଏ, ମୃତ୍ତିକା ନମୁନା କିପରି ସଂଗ୍ରହ କରାଯାଇଥାଏ, ସେ ନେଇ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ଚକ୍ର, ବିଜ୍ଞାନ ଶିକ୍ଷୟିତ୍ରୀ ମନ୍ଦାକିନୀ ପଟ୍ଟନାୟକ ଓ ପୁଷ୍ପାଞ୍ଜଳି ମହାନ୍ତ ପ୍ରମୁଖ ଯୋଗଦେଇଥିଲେ।

## ଜାତୀୟ ନିରାପତ୍ତା ସପ୍ତାହ ସଚେତନତା

ବଉଳା,୧୦।୩
(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର କଳିଙ୍ଗ ଭାରତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଜାତୀୟ ନିରାପତ୍ତା ସପ୍ତାହ ସଚେତନତା ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଭଦ୍ରକ- ଆନନ୍ଦପୁର ୫୩ ନଂ. ରାଜ୍ୟ ରାଜପଥର ମରୈଗାଁ ଛକ ନିକଟରେ ଗାଡ଼ି ଚାଳକଙ୍କୁ ଅଟକାଇ ହେଲମେଟ୍ ପିନ୍ଧି ଯାଉଥିବା ଚାଳକଙ୍କୁ ଗୋଲାପ ଫୁଲ, ଚକୋଲେଟ୍ ଦେଇ ଶୁଭେଚ୍ଛା ଜଣାଉଥିଲେ। ହେଲମେଟ୍ ନ ପିନ୍ଧିଥିଲେ ସଚେତନତା କରୁଥିଲେ। ବିଭିନ୍ନ ସ୍ଲୋଗାନ ଦେଇ ମରୈଗାଁ ବଜାରରେ ପଦଯାତ୍ରା କରି ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ଏ ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭାଷଣ ପ୍ରତିଯୋଗିତା ହୋଇଥିଲା। ପ୍ରଧାନ ଆଚାର୍ଯ୍ୟା ଅନୁଶୟା ତ୍ରିପାଠୀ, ରମାକାନ୍ତ ନାୟକ, ସ୍ମୃତି ସଙ୍ଗିତା ବିଶ୍ୱାଳ, ମମତା ବେହେରା ପ୍ରମୁଖ ସହଯୋଗ କରିଥିଲେ।



ଛାତ୍ରୀଛାତ୍ର ସଚେତନ କରୁଛନ୍ତି।

## ଆଦେଶ ଅବମାନନା କରି ଅଗ୍ନିଶମ କର୍ମଚାରୀ ନିଲମ୍ବିତ

ପାଟଣା,୧୦।୩(ବୀର କିଶୋର ଦାଶ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଜାଣି ନ ଥିବା କହି ଓ ନିର୍ଦ୍ଦେଶକୁ ଅବଜ୍ଞା କରି ଜଣେ ଯୁବ ଅଗ୍ନିଶମ କର୍ମଚାରୀ ନିଲମ୍ବିତ ହୋଇଛନ୍ତି। ଯୁବକ ଜଣକ ପାଟଣା ଅଗ୍ନିଶମ କାର୍ଯ୍ୟାଳୟରେ କାର୍ଯ୍ୟରତ ଫାୟାରମ୍ୟାନ ରାକେଶ ପଣ୍ଡା। ଏ ନେଇ ପାଟଣା ଅଗ୍ନିଶମ ଅଧିକାରୀ ଗୌର ହେମ୍ବ୍ରମ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ମାର୍ଚ୍ଚ ୩ ତାରିଖରେ ସଦର ନିର୍ବାଚନ ମଣ୍ଡଳୀ କାଠଭାରି ପଞ୍ଚାୟତ କୁମୁଳା ବାହାଳୀ ଗ୍ରାମର ଏକ ଶାଳଗଛରେ ନିଆଁ ଲାଗିଥିଲା। ପାଟଣା ଅଗ୍ନିଶମ ବାହିନୀ ନିଆଁ ଲିଭାଇବାକୁ ଯାଇଥିଲେ। ସେ ସମୟରେ କାଠଭାରି ଭାଜପା ପୂର୍ବତନ ପଞ୍ଚାୟତ ସଭାପତି ଦିନେଶ ମହାନ୍ତ ନିଆଁ ଲିଭା ଗାଡ଼ିକୁ ଗଛ ନିକଟକୁ ଆଣିବାକୁ କହିଥିଲେ। ରାଜେଶ ଗାଡ଼ିଟି ସେ ସ୍ଥାନକୁ ପଶି ପାରିବ ନାହିଁ ବୋଲି କହିଥିଲେ। ପରେ ଦିନେଶ ସ୍ଥାନୀୟ ବିଧାୟକ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଫୋନ କରି ରାକେଶଙ୍କୁ ଦେଇଥିଲେ। ରାକେଶ ଅପରପାର୍ଶ୍ୱରେ ମୋହନ ମାଝୀ ଫୋନରେ ଥିବା କଥାକୁ ବିଶ୍ୱାସ ନ କରି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଅବଜ୍ଞା କରିଥିଲେ। ଫଳରେ ସଙ୍ଗେ ସଙ୍ଗେ ତାଙ୍କ ସସ୍‌ପେଣ୍ଡ ନୋଟିସ୍ ପହଞ୍ଚିଥିଲା। ଏବେ ରାକେଶ ସମ୍ବଲପୁର ନର୍ଦନ ରେଞ୍ଜରେ ଅଛନ୍ତି। ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ତେବେ ଏହି ଘଟଣାରେ ଦଣ୍ଡ କୋହଳ କରିବା ପାଇଁ ରାକେଶଙ୍କ ସାଥୀମାନେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

## ଜଳୁଛି ପାଲବଣି ଜଙ୍ଗଲ



କେନ୍ଦୁଝର,୧୦।୩
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ୍ ଭଗାମୁଣ୍ଡା ବନାଞ୍ଚଳ ଅଧୀନ ଶଗଡ଼ପଟା ଓ କୁସୁମଯୋଡ଼ି ସମେତ ପାଲବଣି ଜଙ୍ଗଲ ଜଳୁଛି। କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ଚାରିଆଡ଼େ ନିଆଁ ପ୍ରଭାବିତ ହେବା ସହ ହୁତୁହୁତୁ ହୋଇ ଜଳୁଥିବାରୁ ବନ୍ୟପ୍ରାଣୀ ଭୟଭିତ ହୋଇ ଗାଁ ମୁହାଁ ହେଉଛନ୍ତି। ଫଳରେ କୁକୁର କାମୁଡ଼ା ନଚେତ ମଣିଷଙ୍କ ଅକ୍ରମଣରେ ବନ୍ୟପ୍ରାଣୀ ଶିକାର ହେବା ଆଶଙ୍କା ପ୍ରକାଶ ପାଇଛି। ନିଆଁ ଲିଭାଇବାକୁ ବନ ବିଭାଗ ଏବଂ ଅଗ୍ନିଶମ କର୍ମଚାରୀ ପଦକ୍ଷେପ ନେବାକୁ ଶଗଡପଟା, ଭଗାମୁଣ୍ଡା ପଞ୍ଚାୟତବାସୀ ଦାବି କରିଛନ୍ତି।

## ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଢେଙ୍କିକୋଟ,୧୦।୩(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ମୁକ୍ତାପୁର ମୁଣ୍ଡା ସାହି ନିକଟରେ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଯାଜପୁର ଜିଲା ମଣ୍ଡମାଳ ଗ୍ରାମର ଭଗବାନ ପାତ୍ରଙ୍କ ପୁଅ ରାଜକିଶୋର(୪୫)। ସେ ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ଖଣ୍ଡଘର ପଞ୍ଚାୟତ କାଶିବେଡ଼ା ଗ୍ରାମମୁଣ୍ଡା ସାହି ଶ୍ୱଶୁର ଘରକୁ ୩ ଦିନ ତଳେ ଆସିଥିଲେ। ସୋମବାର ସାହିରେ ମାଘେ ପରବ ଚାଲିଥିବା ବେଳେ ସେ ଦେଖିବା ପାଇଁ ମୁକ୍ତାପୁର ଯାଇଥିଲେ। ରାତିରେ ଫେରିବା ବେଳେ ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ଏକ ଖାଲରେ ପଡ଼ିଯାଇଥିଲେ। ରାତି ସାରା ଜଙ୍ଗଲ ମଝିରେ ପଡ଼ିଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ମଙ୍ଗଳବାର ସକାଳେ ଲୋକେ ମହୁଲ ଗୋଟାଇବା ପାଇଁ ଯାଇ ସେ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଘଟଗାଁ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ଏକ ମାମଲା(ନଂ.୧୬୭/୨୬) ରୁଜୁ ହୋଇଛି।

## ବରିଷ୍ଠ ନାଗରିକ ପରିଷଦର ବାର୍ଷିକ ଉତ୍ସବ

ବଉଳା/ହାଟଡ଼ିହୀ,୧୦।୩
(ଦୁର୍ଗା ପ୍ରସାଦ ଆୟଚ/ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ବରିଷ୍ଠ ନାଗରିକ ପରିଷଦ ହାଟଡ଼ିହୀର ଅଷ୍ଟମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ପରିଷଦର ସଭାପତି ନିରାକାର ପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ରାଜ୍ୟ ବରିଷ୍ଠ ନାଗରିକ ସଂଘର ସଭାପତି ଡ. ପ୍ରସନ୍ନ କୁମାର ଦାଶ, ଅନ୍ୟତମ ଅତିଥିଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ଗିରିଜାନନ୍ଦନ ମହାନ୍ତି, ସାଧାରଣ ସମ୍ପାଦକ ରାଜକିଶୋର ସାମନ୍ତରାୟ, ଉପସଭାପତି ଅରୁଣ ମହାନ୍ତି, ନନ୍ଦିପଦା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି, ବରିଷ୍ଠ ଶିକ୍ଷାବିତ୍ ଜୟ ନାରାୟଣ ଜଗଦେବ୍ ମହାପାତ୍ର, ବରିଷ୍ଠ ବ୍ୟକ୍ତି କାଶିନାଥ ନାୟକ ଯୋଗଦେଇ ବରିଷ୍ଠଙ୍କୁ ଯୁବପିଢ଼ି ଓ ସମାଜ ଗୁରୁତ୍ୱ ଦେଉନାହିଁ। ସରକାର ସୁରକ୍ଷା ବ୍ୟବସ୍ଥା କରୁଥିଲେ ହେଁ ଗାଁରେ ବରିଷ୍ଠ ଅଲୋଡ଼ା ହୋଇପଡ଼ିଥିବା ଦୃଷ୍ଟି ଆକର୍ଷଣ କରିଥିଲେ। ପରିଷଦର ସମ୍ପାଦକ ଡ. ଗୋଲକ ବିହାରୀ ନାୟକ ସଂଯୋଜନା କରିଥିଲେ। ଗଣନାଥ ନାୟକ, ଆନାଦି ବିଶ୍ୱାଳ, କୃଷ୍ଣଚନ୍ଦ୍ର ଜେନା, କାମପାଳ ନାୟକ, ଆନନ୍ଦ ଚନ୍ଦ୍ର ଜେନା, ରବିନ୍ଦ୍ର ଜେନା ପ୍ରମୁଖ ପରିଚାଳନା କରିଥିଲେ।




ଅତିଥି ଜଣେ ବ୍ୟକ୍ତିଙ୍କୁ ସମ୍ମାନିତ କରୁଛନ୍ତି।

## ବେଆଇନ ଭାବେ ରଖାଯାଇଛି ମୟୂର

### ବନ ବିଭାଗ ନିକଟରେ ଖବର ନାହିଁ

ପାଟଣା,୧୦।୩(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ରାଇଡ଼ିହା ବିଟ ଖଜୁରୀ ଡିହା ପାତ୍ରସାହିରେ ବେଆଇନ ଭାବେ ମୟୂର ରଖାଯାଇଥିବା ଅଭିଯୋଗ ହୋଇଛି। ଗତ ରବିବାର ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ମୟୂର ନୃତ୍ୟ କରୁଥିବା ଭିଡିଓ ଓ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ମୟୂରଟି ଅଟେଇ ସଂରକ୍ଷିତ ଜଙ୍ଗଲରୁ ଗାଁକୁ ୭ ବର୍ଷ ପୂର୍ବେ ଆସି ରହୁଥିବା କୁହାଯାଉଛି। ବେଆଇନ ଭାବେ ରଖାଯାଇଥିବା ବେଳେ ମୟୂର ସମ୍ପର୍କରେ ଖବର ନ ଥିବା ସାହରପଡ଼ା ବନପାଳ ଶ୍ରୀମନ୍ତ କୁମାର ବେହେରା କହିଛନ୍ତି। ମୟୂରକୁ ତୁରନ୍ତ ବନବିଭାଗ ଉଦ୍ଧାର କରି ଜଙ୍ଗଲରେ ଛାଡ଼ିବାକୁ ପରିବେଶବିତ୍ ଦାବି କରିଛନ୍ତି। ଏ ନେଇ ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାର ତଦନ୍ତ କରିବେ ବୋଲି କହିଛନ୍ତି।

## ଗୋଁଡ ସାଂସ୍କୃତିକ ସମାଜର ଐତିହ୍ୟ ସମାବେଶ



ସମାବେଶରେ ଉପସ୍ଥିତ ଅତିଥିମାନେ।

କେନ୍ଦୁଝର,୧୦।୩
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଗୋଁଡ ସାଂସ୍କୃତିକ ସମାଜର ଐତିହ୍ୟ ସମାବେଶ ସ୍ଥାନୀୟ ନଗର ଭବନଠାରେ ଅନୁଷ୍ଠିତ ହୋଇଛି। ଜିଲା ସଭାପତି ଜନାର୍ଦ୍ଦନ ନାୟକଙ୍କ ସଭାପତିତ୍ୱରେ ଜିଲାରୁ ପ୍ରାୟ ସମସ୍ତ ପଲ୍ଲୀ ସଂଗଠନର କର୍ମକର୍ତ୍ତା ଓ ସମାଜ ପ୍ରେମୀ ଯୋଗଦେଇଥିଲେ। ସମାଜର କୌଳିକ ଦେବତା ଜଂଘାଦେବଙ୍କ ପୂଜାର୍ଚ୍ଚନା ପରେ ସଭା ଆରମ୍ଭ ହୋଇଥିଲା। ସମ୍ମାନିତ ଅତିଥିଭାବେ ସମାଜର ବରିଷ୍ଠ ସଦସ୍ୟ ଦୋଳଗୋବିନ୍ଦ ନାୟକ, ଉପ ସଭାପତି ଅନାଦି ଚରଣ ନାୟକ, କିରଣବାଳା ନାୟକ, କଳ୍ପତରୁ ନାୟକ, ପଦ୍ମଚରଣ ନାୟକ, ଅପୂର୍ବ ନାୟକ, ଗୋଲକ ବିହାରୀ ମାନସିଂହ, ଚକ୍ରଧର ନାୟକ, ଗଦାଧର ନାୟକ, ମୁଖ୍ୟବକ୍ତାଭାବେ ବିଧାୟକ ତଥା ବରିଷ୍ଠ ସଦସ୍ୟ ପ୍ରାଣବଲ୍ଲଭ ନାୟକ ଯୋଗଦେଇଥିଲେ। ରାଧାକାନ୍ତ ନାୟକ ସଭା ପରିଚାଳନା କରିଥିଲେ। ସମାଜର ସର୍ବାଙ୍ଗୀନ ବିକାଶ ଓ ଛାତ୍ରୀଛାତ୍ରଙ୍କ ବିଦ୍ୟା ଅଧ୍ୟୟନ ଉପରେ ଆଲୋଚନା ହୋଇଥିଲା। ସମାଜ ସଂଗଠନକୁ ଦୁର୍ବଳ କରୁଥିବା ସଂଗଠନର ବା ବ୍ୟକ୍ତି ବିରୋଧରେ କଠୋର ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଆବଶ୍ୟକ ପଡ଼ିଲେ ଆଇନକାନୁନର ସହାୟତା ଲୋଡାଯିବ ବୋଲି ନିଷ୍ପତ୍ତି ହୋଇଛି । ଶେଷରେ ରାଧାକାନ୍ତ ନାୟକଙ୍କୁ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତିକୁ ସ୍ୱୀକୃତି ପ୍ରଦାନ କରାଯାଇଛି।

